وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ
# ବଦର୍
Weekly
BADAR
କାଦିଆନ
Qadian
Odia

## ଅଲ୍ଲାଃତାଲାଙ୍କ ବାଣୀ

### ତୁମେମାନେ ଅମାନତ୍‌କୁ ତାହାର ହକ୍‌ଦାର ବ୍ୟକ୍ତିମାନଙ୍କୁ ଅର୍ପଣ କର



اِنَّ اللّٰہَ یَاۡمُرُکُمۡ اَنۡ تُؤَدُّوا الۡاَمٰنٰتِ اِلٰۤی اَہۡلِہَا ۙ وَاِذَا حَکَمۡتُمۡ بَیۡنَ النَّاسِ اَنۡ تَحۡکُمُوۡا بِالۡعَدۡلِ ؕ اِنَّ اللّٰہَ نِعِمَّا یَعِظُکُمۡ بِہٖ ؕ اِنَّ اللّٰہَ کَانَ سَمِیۡعًۢا بَصِیۡرًا ۔

**ଅନୁବାଦ:** ବାସ୍ତବରେ ଅଲ୍ଲାଃ ତୁମମାନଙ୍କୁ ଆଦେଶ ଦେଇଛନ୍ତି ଯେ, ତୁମେମାନେ ଅମାନତ୍‌କୁ ତାହାର ହକ୍‌ଦାର ବ୍ୟକ୍ତିମାନଙ୍କୁ ଅର୍ପଣ କର ଏବଂ ତୁମେମାନେ ଲୋକମାନଙ୍କ ମଧ୍ୟରେ ନିଷ୍ପତ୍ତି କରିବା ବେଳେ ନ୍ୟାୟସଙ୍ଗତ ଭାବେ ନିଷ୍ପତ୍ତି କର । ଅଲ୍ଲାଃ ଯେଉଁ ବିଷୟରେ ତୁମମାନଙ୍କୁ ଉପଦେଶ ଦେଇଛନ୍ତି ତାହା ବାସ୍ତବିକ ଅତି ଉତ୍ତମ ଅଟେ । ବାସ୍ତବରେ ଅଲ୍ଲାଃତାଲା ମହାନ୍ ଶ୍ରୋତା ଓ ମହାନ୍ ଦ୍ରଷ୍ଟା ଅଟନ୍ତି । (ଅନ୍ ନିସା: 59)

**ସମ୍ପାଦକ:** କମୁଲ୍ ହକ୍ ଖାନ୍ | **ସହ ସମ୍ପାଦକ:** ସୟଦ୍ ଅତାଉଲ୍ ୱାହାବ୍ | **ଖଣ୍ଡ: 11 | ସଂଖ୍ୟା: 33** | 29 ସଫର୍ , 1448 ହି.କ, 13 ଜହୁର 1405 ହି.ଶ, 13 Aug 2026

## ଆଁହଜରତ୍ ସ.ଅଙ୍କ ବାଣୀ

### ଯେତେବେଳେ ଅମାନତ ନଷ୍ଟ ହେବାକୁ ଲାଗିବ, ସେତେବେଳେ ତୁମେ କୟାମତ୍ (ପ୍ରଳୟ ଦିବସ)କୁ ଅପେକ୍ଷା କର ।"



عَنۡ أَبِي مُوسَى، عَنِ النَّبِيِّ صَلَّى اللّٰهُ عَلَيۡهِ وَسَلَّمَ، قَالَ: " إِنَّ الۡخَازِنَ الۡمُسۡلِمَ الۡأَمِينَ الَّذِي يُنۡفِذُ، وَرُبَّمَا قَالَ: يُعۡطِي مَا أُمِرَ بِهِ فَيُعۡطِيهِ كَامِلًا مُوَفَّرًا، طَيِّبَةً بِهِ نَفۡسُهُ، فَيَدۡفَعُهُ إِلَى الَّذِي أُمِرَ لَهُ بِهِ أَحَدُ الۡمُتَصَدِّقَيۡنِ "

ହ. ଅବୁ ମୁସା ର.ଅଙ୍କ ଠାରୁ ବର୍ଣ୍ଣିତ ଯେ, ଆଁହଜରତ୍ ସ.ଅ କୁହନ୍ତି: "ଯେଉଁ ମୁସଲମାନକୁ ମୁସଲମାନମାନଙ୍କ ସମ୍ପତ୍ତିର ଖଜାନଞ୍ଚି (କୋଷାଧ୍ୟକ୍ଷ) ରୂପେ ନିଯୁକ୍ତ କରାଯାଏ, ଯଦି ସେ ଆମାନତଦାର (ବିଶ୍ୱସ୍ତ) ଓ ସଚ୍ଚୋଟ ହୋଇଥାଏ ଏବଂ ଯାହା ଆଦେଶ ଦିଆଯାଏ ତାହାକୁ ସେ ସଠିକ୍ ଭାବରେ ପାଳନ କରେ ଓ ଯାହାକୁ କିଛି ଦେବା ନିମନ୍ତେ ଆଦେଶ ଦିଆଯାଏ ତେବେ ସେ ତାହାକୁ ପୂର୍ଣ୍ଣ ଆନନ୍ଦ ତଥା ପ୍ରସନ୍ନ ଚିତ୍ତର ସହିତ ତାହାର ହକ୍ (କର୍ତ୍ତବ୍ୟବୋଧ) ମନେକରି ପ୍ରଦାନ କରେ, ତେବେ ସେହି ବ୍ୟକ୍ତି ମଧ୍ୟ ପ୍ରକୃତରେ ସଦ୍‌କା (ଦାନ) ଦେଉଥିବା ବ୍ୟକ୍ତି ପରି ଗଣ୍ୟ ହେବ । **(ମୁସଲିମ୍, କିତାବୁଜ୍ ଜକାତ୍, ବାବ-ଅଜ୍‌ରିଲ୍ ଖାଜିନିଲ୍ ଅମୀନ୍ ୱଲ୍ ମରଅତା)**

عَنۡ أَبِي هُرَيۡرَةَ رَضِيَ اللّٰهُ عَنۡهُ، قَالَ: قَالَ رَسُولُ اللّٰهِ صَلَّى اللّٰهُ عَلَيۡهِ وَسَلَّمَ:" إِذَا ضُيِّعَتِ الۡأَمَانَةُ، فَانۡتَظِرِ السَّاعَةَ"، قَالَ: كَيۡفَ إِضَاعَتُهَا يَا رَسُولَ اللّٰهِ؟ قَالَ:"إِذَا أُسۡنِدَ الۡأَمۡرُ إِلَى غَيۡرِ أَهۡلِهِ فَانۡتَظِرِ السَّاعَةَ".

ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ କହିଲେ, "ଯେତେବେଳେ ଅମାନତ୍ କ୍ଷୟ ବା ନଷ୍ଟ ହେବାକୁ ଲାଗିବ ସେତେବେଳ ତୁମେ ପ୍ରଳୟ ଦିବସକୁ ଅପେକ୍ଷା କର । ଜଣେ ପ୍ରଶ୍ନକର୍ତ୍ତା ପଚାରିଲା ଯେ, ହେ ଅଲ୍ଲାହଙ୍କ ବାର୍ତ୍ତାବହ ! ଅମାନତ୍ ନଷ୍ଟ ହେବାର ଅର୍ଥ କହିଲେ କ'ଣ ବୁଝାଏ ? ଆଁହଜରତ୍ ସ.ଅ ଉତ୍ତର ଦେଲେ: "ଯେତେବେଳେ ଅଯୋଗ୍ୟ ଲୋକମାନଙ୍କୁ ଶାସକ କିମ୍ବା କ୍ଷମତାସୀନ କରାଯିବ, ସେତେବେଳେ ତୁମେ କୟାମତ ଅର୍ଥାତ୍ ପ୍ରଳୟ ଦିବସକୁ ଅପେକ୍ଷା କର ।"

**(ସହିହ ବୁଖାରୀ, କିତାବୁର୍ ରିକାକ୍, ବାବୁ ରଫ୍‌ଇଲ୍ ଅମାନତା, ହଦିସ୍ ନଂ- 6496)**



## ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ନିତୀବାଣୀ (ତବରରୁକାତେ ହ. ମସିହ୍ ମଉଦ୍ ଅ.ସ)

### "ଈଶ୍ୱରଙ୍କ ସମସ୍ତ ଅମାନତ୍ ଏବଂ ବିଶ୍ୱାସିକ ଅଙ୍ଗୀକାର ସେହିପରି ମାନବଜାତିର ସମସ୍ତ ଅମାନତ୍ ଓ ପ୍ରତିଶ୍ରୁତିକୁ ଯଥାସମ୍ଭବ ପାଳନ ଓ ରକ୍ଷା କରିବା ଉଚିତ୍ ।"

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: " ଅଲ୍ଲାଃତାଲା ପବିତ୍ର କୁରଆନ୍ ଶରୀଫ୍‌ରେ ତକୱା (ଧର୍ମପରାୟଣତାକୁ) ବସ୍ତ୍ର ଭାବରେ ଅଭିହିତ କରିଛନ୍ତି । ସେଥିପାଇଁ لِبَاسُ التَّقۡوٰی ହେଉଛି ପବିତ୍ର କୁରଆନ୍ ଶରୀଫ୍‌ର ଶବ୍ଦ । ଏହା ସେହି କଥା ଆଡ଼କୁ ଇଙ୍ଗିତ କରେ ଯେ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ଏବଂ ଆଧ୍ୟାତ୍ମିକ ଭୂଷଣ କେବଳ ତକୱାରୁ ହିଁ ସୃଷ୍ଟି ହୋଇଥାଏ । ତକୱା (ଧର୍ମପରାୟଣତା) କହିଲେ ଏହା ବୁଝାଏ ଯେ, ମଣିଷ ଈଶ୍ୱରଙ୍କର ସମସ୍ତ ଅମାନତ୍ ଏବଂ ବିଶ୍ୱାସର ଅଙ୍ଗୀକାର ସେହିପରି ମାନବଜାତିର ସମସ୍ତ ଅମାନତ ଓ ପ୍ରତିଶ୍ରୁତିକୁ ଯଥାସମ୍ଭବ ପାଳନ ଓ ରକ୍ଷା କରିବା ଉଚିତ୍ । ଅର୍ଥାତ୍ ସେଗୁଡ଼ିକର ସୂକ୍ଷ୍ମାତିସୂକ୍ଷ୍ମ ଦିଗଗୁଡ଼ିକ ଉପରେ ନିଜର ସାମର୍ଥ୍ୟାନୁଯାୟୀ କାର୍ଯ୍ୟକାରୀ କରୁ । ଅମାନତ୍‌ର ଯଥାର୍ଥ ଜଣେ ପୂର୍ଣ୍ଣ ମଣିଷ ସକଳ ଶକ୍ତି, ବୁଦ୍ଧି, ବିବେକ ଜ୍ଞାନ, ହୃଦୟ, ପ୍ରାଣ, ଇନ୍ଦ୍ରୀୟ, ଭୟ, ପ୍ରେମ, ସମ୍ମାନ, ପ୍ରତିଷ୍ଠା ଏବଂ ସମସ୍ତ ଆଧ୍ୟାତ୍ମିକ ଓ ଶାରୀରିକ ଅନୁଗ୍ରହ (ପୁରସ୍କାର) ଯାହା ଈଶ୍ୱର ସେହି ସମ୍ପୂର୍ଣ୍ଣ ମଣିଷକୁ ଦାନ କରନ୍ତି । ପୁନଶ୍ଚ ସେହି ପୂର୍ଣ୍ଣ ମଣିଷ ପବିତ୍ର କୁରଆନ୍ କରୀମର ଆୟତ୍ {اِنَّ اللّٰہَ یَاۡمُرُکُمۡ اَنۡ تُؤَدُّوا الۡاَمٰنٰتِ اِلٰۤی اَہۡلِہَا} (ନିଶ୍ଚିତ ଭାବେ ଅଲ୍ଲାଃ ତୁମକୁ ଅମାନତ୍‌ଗୁଡ଼ିକୁ ତାହାର ହକ୍‌ଦାରଙ୍କୁ ଫେରାଇଦେବାକୁ ଆଦେଶ ଦିଅନ୍ତି) ଅନୁସାରେ ସେହି ସମସ୍ତ ଅମାନତ୍‌କୁ ଈଶ୍ୱରଙ୍କ ଦରବାରରେ ଫେରାଇ ଦେଇଥାଏ । ଅର୍ଥାତ୍ ତାଙ୍କ ଠାରେ ଲୀନ ହୋଇ ତାହାଙ୍କ ମାର୍ଗରେ ନିଜକୁ ସମର୍ପିତ ଏବଂ ଉତ୍ସର୍ଗ କରି ଦେଇଥାଏ...ଏବଂ ଏହି ସର୍ବୋଚ୍ଚ, ପୂର୍ଣ୍ଣାଙ୍ଗ ତଥା ଉତ୍ତମ ମର୍ଯ୍ୟାଦାମୂଳଖ ଲକ୍ଷଣ ଆମର ପ୍ରିୟ ମୁନିବ ଏବଂ ଆମର ପଥପ୍ରଦର୍ଶକ, ଆମର ନିରକ୍ଷର ସତ୍ୟବାଦୀ, ସତ୍ୟ ପୁଷ୍ଟିକର୍ତ୍ତା ନବୀ ଓ ହଜରତ ମୁହମ୍ମଦ ମୁସ୍ତଫା ସ.ଅଙ୍କ ଠାରେ ବିଦ୍ୟମାନ ଥିଲା ।" **(ଆଇନା କମାଲାତେ ଇସଲାମ୍, ପୃ-161-162)**



## ତଫ୍‌ସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ (ତବରରୁକାତେ ହ. ମୁସ୍‌ଲେହ୍ ମଉଦ୍ ର.ଅ)

### ଯେତେବେଳେ କୌଣସି ଅମାନତ୍ ତୁମ ଉପରେ ନ୍ୟସ୍ତ ହୋଇଥାଏ ସେତେବେଳେ ତୁମେ ତହିଁରେ କେବେ ବି ବିଶ୍ୱାସଘାତକତା କରିବ ନାହିଁ ।

ସୟେଦିନା ହ. ଖଲିଫତୁଲ୍ ମସିହ୍ ସାନି ତଥା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ମୁମିନୁନ୍‌ର ଆୟତ୍ وَالَّذِیۡنَ ہُمۡ لِاَمٰنٰتِہِمۡ وَعَہۡدِہِمۡ رٰعُوۡنَ ର ବ୍ୟାଖ୍ୟା କରି କୁହନ୍ତି: "ଏହା ଅତ୍ୟନ୍ତ ଚମତ୍କାର ତଥା ଭବ୍ୟ ଦୃଷ୍ଟାନ୍ତ ଯାହା ସାହାବାମାନେ ପ୍ରଦର୍ଶନ କରିଥିଲେ ! 'ହିମସ୍' ଯାହା ଖ୍ରୀଷ୍ଟିଆନ୍‌ମାନଙ୍କର ଏକ ପ୍ରମୁଖ ସହର ଥିଲା, ତାହା ମୁସଲମାନମାନଙ୍କ ଦ୍ୱାରା ଅଧିକୃତ ହୋଇଗଲା ଏବଂ ସେମାନେ (ମୁସଲମାନମାନେ) ଖ୍ରୀଷ୍ଟିଆନ୍‌ମାନଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା କର ଆକାରରେ ଆଦାୟ କରିଥିଲେ । କିନ୍ତୁ ଯେତେବେଳେ ଯୁଦ୍ଧ ନୀତି ଓ ପରିସ୍ଥିତି ଯୋଗୁଁ ସେମାନଙ୍କୁ (ମୁସମାନମାନଙ୍କୁ) ଏହି ସହର (ହିମସ୍) ଛାଡ଼ିବାକୁ ପଡ଼ିଲା ସେତେବେଳେ ସେମାନେ ସେହି ସହରର ଦାୟିତ୍ୱବାନ୍ ବ୍ୟକ୍ତିମାନଙ୍କୁ ଡାକିଲେ ଏବଂ ସେମାନଙ୍କର ସମସ୍ତ ଟଙ୍କା ସେମାନଙ୍କୁ ଫେରସ୍ତେ କରିଦେଲେ ଏବଂ କହିଲେ 'ଆମେ ଆପଣଙ୍କ ଠାରୁ ଏହି କର ଏଇଥିପାଇଁ ନେଇଥିଲୁ ଯେ ଆମେ ତୁମମାଙ୍କ ଧନ ଜୀବନର ସୁରକ୍ଷା କରିବୁ । ମାତ୍ର ବର୍ତ୍ତମାନ ପରିସ୍ଥିତି ଜଟିଳ ହୋଇ ପଡ଼ିଥିବାରୁ ଆମେମାନେ ଏହି ସହର ଛାଡୁଛୁ । ତେଣୁ ସଚ୍ଚୋଟତା ଓ ବିଶ୍ୱସ୍ତତାର ନିୟମ ବିରୁଦ୍ଧୀୟ ଆମେମାନେ ତୁମମାନଙ୍କ ଟଙ୍କା ନିଜ ପାଖରେ ରଖିବାକୁ ଉଚିତ୍ ବୋଲି ମନେକରୁ ନାହୁଁ । ସୁତରାଂ ଲକ୍ଷ ଲକ୍ଷ ଟଙ୍କା ସେମାନଙ୍କୁ ଫେରସ୍ତ କରି ଦିଆଗଲା । ଇତିହାସ ଏହା କୁହେ ଯେ, ଉକ୍ତ ଘଟଣା ଖ୍ରୀଷ୍ଟିଆନ୍‌ମାନଙ୍କ ହୃଦୟରେ ଏତେ ଗଭୀର ପ୍ରଭାବ ପକାଇଲା ଯେ, ଯେତେବେଳେ ମୁସଲମାନମାନଙ୍କର ସୈନ୍ୟବାହିନୀ ସହରରୁ ବାହାରିଲ ସେତେବେଳେ ସେମାନେ ମଧ୍ୟ ବିଦାୟ ଜଣାଇବା ନିମନ୍ତେ ସାଙ୍ଗରେ ଚାଲିବାକୁ ଲାଗିଲେ । ସେମାନଙ୍କ ଆଖିରୁ ଲୁହ ଧାର ଧାର ହୋଇ ବହି ଯାଉଥିଲା ଏବଂ ସେମାନେ କହୁଥିଲେ 'ଈଶ୍ୱର ତୁମମାନଙ୍କୁ ପୁନଃ ଏହି ସହରକୁ ଫେରାଇ ଆଣନ୍ତୁ, କାରଣ ଆମେମାନେ ତୁମମାନଙ୍କ ଭଳି ପୁଣ୍ୟବାନ୍ ଓ ନ୍ୟାୟପରାୟଣ ଶାସକ ଆଜି ପର୍ଯ୍ୟନ୍ତ ଦେଖି ନାହୁଁ ।' **(ଫୁତୁହୁଲ୍ ବୁଲ୍‌ଦାନ୍ ଲିଲ୍ ବଲାଜରୀ, ଅମ୍ର ହିମସ୍ ଓ ୟୌମା ଲିୟର୍ମୁକ୍ ଯୁଦ୍ଧ)।**

ସେହିପରି ଇସ୍‌ଲାମ ଧର୍ମ ସରକାର ଓ ଶାସନକୁ ମଧ୍ୟ ଏକ 'ଅମାନତ' ରୂପେ ବିବେଚିତ କରିଛି ଏବଂ ଆଦେଶ ଦେଇଛି ଯେ, ଯେତେବେଳେ ଏହି ଅମାନତ୍ ତୁମମାନଙ୍କୁ ଅର୍ପଣ କରାଯିବ ସେତେବେଳେ ତୁମେମାନେ ତହିଁରେ କେବେ ବି ବିଶ୍ୱାସଘାତକତା (ଖିଆନତ୍) କରିବ ନାହିଁ । ଶାସନର ଡୋର ସଦା ସର୍ବଦା ଏପରି ଲୋକଙ୍କ ହାତରେ ଦିଅ ଯେଉଁମାନେ ଶାସନର ଦାୟିତ୍ୱକୁ ସମ୍ପୂର୍ଣ୍ଣ ରୂପେ ସଚ୍ଚୋଟତାର ସହିତ ସମ୍ପାଦନ କରିବେ । ଇତିହାସ ଏହି ସୂଚନା ପ୍ରଦାନ କରେ ଯେ, ମୁସଲମାନମାନେ ଏହି ଆଦେଶକୁ ଅତ୍ୟନ୍ତ କଠୋରତାର ସହିତ ପାଳନ କରିଥିଲେ ।"

☆☆☆

**(ତଫ୍‌ସିର୍ କବିର୍, ଗ୍ରନ୍ଥଖଣ୍ଡ-8, ପୃ-278, ପ୍ରକାଶନ ସ୍ଥାନ-ୟୁ.କେ)**

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍‌ୱର୍ ଅ.ବ ସକୁଶଳେ ଅଛନ୍ତି।**

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍‌ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍‌ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍‌ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍ ।**

## ସମ୍ପାଦକୀୟ

لَاۤ اِلٰہَ اِلَّا اللّٰہُ مُحَمَّدٌ رَّسُوۡلُ اللّٰہِ

## ଏହଲେ କୁରଆନ ଏବଂ ଏହଲେ ହଦିସ୍ ସମ୍ପ୍ରଦାୟ ମଧ୍ୟରେ ମତଭେଦ ଏବଂ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ ଅ.ସଙ୍କର ବିଚାରକ ଓ ନ୍ୟାୟକାରୀ ଭାବରେ ବିଶ୍ୱାସବର୍ଦ୍ଧକ ନିର୍ଣ୍ଣୟ ।

ସୋସିଆଲ ମିଡିଆରେ ସାଉଦୀ ଆରବ ସଂପର୍କରେ ଏହି ଖବର ଜୋର୍ ସୋରରେ ଚାଲିଥିଲା ଯେ, ସାଉଦୀ ଆରବ ଆଇନ ପ୍ରଣୟନ କ୍ଷେତ୍ରରେ ଅହରହ ଆହଦିସ୍ ବ୍ୟତୀତ ଅନ୍ୟ ସମସ୍ତ ହଦିସ୍‌ର ପ୍ରୟୋଗକୁ ସନ୍ଦେହଜନକ ମନେକରି ପ୍ରତ୍ୟାଖ୍ୟାନ କରି ଦେଇଛି। କେତେକ ମୁସଲମାନ୍ ଧର୍ମଗୁରୁ (ମୁଲ୍ଲାମାନେ) କିମ୍ବା ସେମାନଙ୍କ ସମର୍ଥକମାନେ ଯେଉଁମାନେ ସୋସିଆଲ ମିଡିଆରେ ଦିନରାତି ମୁସଲମାନ ଜନସାଧାରଣଙ୍କ ଭାବାବେଗକୁ ଆନ୍ଦୋଳିତ ଏବଂ ଉତ୍ତେଜିତ କରିବା ପାଇଁ ତଥା ସସ୍ତା ପ୍ରସିଦ୍ଧି ହାସଲ କରିବା ପାଇଁ ଏପରି ଗୁଜବ ପ୍ରଚାର କରିଥାଆନ୍ତି ଯେ, ତହିଁରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି ।

ସତ୍ୟତା ହେଉଛି, କିଛି ବର୍ଷ ପୂର୍ବେ ସାଉଦୀ ସରକାର ନିଜ ଦେଶକୁ ଅର୍ଥନୈତିକ ଓ ସାମାଜିକ ଦୃଷ୍ଟିକୋଣରୁ ସୁଦୃଢ଼ କରିବା ପାଇଁ 'ଭିଜନ ୨୦୩୦ (Vision 2030) ନାମକ ଏକ ଯୋଜନା ପ୍ରସ୍ତୁତ କରିଥିଲା । ଏହାର ମୂଳ ଉଦ୍ଦେଶ୍ୟ ଥିଲା ଯେ, ତୈଳ ଆମଦାନୀ ବ୍ୟତୀତ ଅନ୍ୟ କେଉଁ କେଉଁ ମାଧ୍ୟମ ଦ୍ୱାରା ସାଉଦୀ ଆରବକୁ ସୁଦୃଢ ଅର୍ଥନୈତିକ କ୍ଷେତ୍ରରେ ଆତ୍ମନିର୍ଭର କରାଯାଇପାରିବ । ଏଥିରେ ପର୍ଯ୍ୟଟନ, ପ୍ରଯୁକ୍ତିବିଦ୍ୟାରେ ପୁଞ୍ଜିନିବେଶ ବୃଦ୍ଧି, ଆଧୁନିକ ସହର ନିର୍ମାଣ, ମନୋରଞ୍ଜନ କେନ୍ଦ୍ର ପ୍ରତିଷ୍ଠା, ମହିଳାମାନଙ୍କ ପାଇଁ ନିଯୁକ୍ତି ତଥା ଚାକିରି ସୁଯୋଗ ଏବଂ ସେମାନଙ୍କ ସ୍ୱାଧୀନତା ଦିଗରେ କାର୍ଯ୍ୟ କରିବା ଉତ୍ୟାଦି ପ୍ରସଙ୍ଗ ଅନ୍ତର୍ଭୁକ୍ତ ଥିଲା । ସେଥିରେ କେତେକ ଧାର୍ମିକ ସଂସ୍କାର ମଧ ରହିଛି, ତନ୍ମଧ୍ୟରୁ ଗୋଟିଏ ହେଲା ଆଇନ ପ୍ରଣୟନ କରିବା ଦିଗରେ ପବିତ୍ର କୁରଆନ୍ କରୀମ୍ ସହିତ ନିରନ୍ତର ହଦିସ୍‌ର ସାହାଯ୍ୟ ନିଆଯାଉ ଏବଂ 'ହଦିସ୍ ଆହାଦ' (ଗୋଟିଏ ସୂତ୍ରରୁ ଆସିଥିବା) ଓ 'ହଦିସ୍‌ର ଖବର'କୁ ନିମ୍ନ ସ୍ତରରେ ରଖାଯିବା ଉ଼ଚିତ୍ ।

ସାଉଦୀ ଆରବ ସରକାର ଏ ସମ୍ପର୍କରେ କ'ଣ ମନ୍ତବ୍ୟ ଦେଇଛନ୍ତି ଏବଂ ସସ୍ତା ପ୍ରସିଦ୍ଧି ପାଇଁ ଯେକୌଣସି କଥାର ପ୍ରଚାର କରୁଥିବା ମୁଲ୍ଲାମାନେ କ'ଣ କହୁଛନ୍ତି ? ସେହିସବୁ କଥାକୁ ଛାଡ଼ି ଆମେ ଏହି ଯୁଗର ନିଯୁକ୍ତ, ଯୁଗ ପ୍ରବର୍ତ୍ତକ, ଯୁଗାବତାର ତଥା ଯୁଗପୁରୁଷ ପୁଣ୍ୟଶ୍ଳୋକ ସୟେଦିନା ହ. ମିର୍ଜା ଗୁଲାମ ଅହମଦ୍ କାଦିୟାନୀ ଅ.ସ ପବିତ୍ର କୁରଆନ୍ କରୀମ୍, ସୁନ୍ନତ୍ (ଆଁହଜରତ୍ ସ.ଅଙ୍କ ଆହୃତ ରୀତି) ଏବଂ ହଦିସ୍ ମାଧ୍ୟମରେ ମାର୍ଗଦର୍ଶନ ପାଇବା ସମ୍ପର୍କରେ କ'ଣ ନିର୍ଦ୍ଦେଶ ଦେଇଛନ୍ତି, ତାହା ବର୍ଣ୍ଣନା କରୁଛୁ । ଅସଲ୍ କଥା ହେଉଛି, ମୁସ୍‌ଲିମ ଉମ୍ମତ୍ (ଇସ୍‌ଲାମ୍ ଧର୍ମ) ଯେଉଁଠି ଯେଉଁଠି ଝୁଣ୍ଟିଛି ଏବଂ ଯେଉଁଠି ଯେଉଁଠି ମାର୍ଗଦର୍ଶନର ଆବଶ୍ୟକତା ଅନୁଭବ କରିଛି, ଆପଣ ଅ.ସ ଈଶ୍ୱରଙ୍କ ଆଦେଶାନୁକ୍ରମେ ତଥା ଆଜ୍ଞାନୁକ୍ରମେ ସେମାନଙ୍କୁ ସତ୍‌ପଥ ଦେଖାଇଛନ୍ତି ।

ଆପଣ ଅ.ସଙ୍କ ଜୀବନକାଳ ମଧ୍ୟରେ 'ଏହ୍‌ଲେ କୁରଆନ୍' (ପବିତ୍ର କୁରଆନ୍‌କୁ ମହାମାନ୍ୟ ଭାବରେ ଗ୍ରହଣ କରୁଥିବା ସଂପ୍ରଦାୟ) ସମ୍ପ୍ରଦାୟର ଆବିର୍ଭାବ ହୋଇ ସାରିଥିଲା, ଯାହାର ପ୍ରତିଷ୍ଠାତା ସେତେବେଳେ ଅବ୍‌ଦୁଲ୍ଲାଃ ଚକ୍‌ଡ଼ାଲ୍‌ୱୀ ଏବଂ ଗୁଲାମ ଅହମ୍ମଦ ପର୍‌ୱେଜୀ ସାହେବ ଥିଲେ । ଏହି ବ୍ୟକ୍ତି ଦ୍ୱୟଙ୍କ ସହିତ ଏହ୍‌ଲେ ହଦିସ୍ ବିଦ୍ୱାନ୍‌ମାନଙ୍କର ପ୍ରତିଦିନ ବିତର୍କ ଆଲୋଚନା (ମୁବାହିସା) ହେଉଥିଲା। ସେଥିମଧ୍ୟରୁ ଗୋଟିଏ ବିତର୍କ ଆଲୋଚନା 1902 ମସିହାରେ ଅବ୍‌ଦୁଲ୍ଲାଃ ଚକ୍‌ଡ଼ଲ୍‌ୱୀ ଏବଂ ମୁହମ୍ମଦ ହୁସୈନ୍ ବଟାଲ୍‌ୱୀଙ୍କ ମଧ୍ୟରେ ହୋଇଥିଲା । ଅବ୍‌ଦୁଲ୍ଲାଃ ସାହେବ ଏହ୍‌ଲେ କୁରଆନ୍ ସପକ୍ଷବାଦୀ ଥିଲେ (ପବିତ୍ର କୁରଆନ୍ କରୀମ୍‌ର ସପକ୍ଷବାଦୀ) ଏବଂ ମହମ୍ମଦ ହୁସୈନ୍ ବଟାଲ୍‌ୱୀ ସାହେବ ଏହ୍‌ଲେ ହଦିସ୍ (ହଦିସ୍‌ର ସପକ୍ଷବାଦୀ) ବ୍ୟକ୍ତି ଥିଲେ । ଅବ୍‌ଦୁଲ୍ଲାଃ ଚକ୍‌ଡ଼ାଲୱୀ ଏବଂ ତାଙ୍କ ସମର୍ଥକମାନେ କେବଳ ପବିତ୍ର କୁର୍‌ଆନ୍ କରୀମ୍‌କୁ ହିଁ ସ୍ୱୀକାର କରୁଥିଲେ ଏବଂ ହଦିସ୍‌କୁ କାର୍ଯ୍ୟକାରୀ ଯୋଗ୍ୟ ମନେକରୁ ନଥିଲେ । ଅନ୍ୟପକ୍ଷରେ ମୌଲବୀ ମହମ୍ମଦ ହୁସୈନ ବଟାଲ୍‌ୱୀଙ୍କ ବିଶ୍ୱାସ ଥିଲା କି ହଦିସ୍‌ଗୁଡ଼ିକ ଈଶ୍ୱରଙ୍କ ଗ୍ରନ୍ଥ ପବିତ୍ର କୁରଆନ୍ କରୀମ୍ ଉପରେ 'କାଜି' (ବିଚାରକ) ଅଟନ୍ତି । ଦୁହେଁ ଚରମ ସୀମା (ଅତିରଞ୍ଜନ ଓ ଅବହେଳା ତଥା ନ୍ୟୁନାଧିକ୍ୟତା)କୁ ଚାଲି ଯାଇଥିଲେ । ଉକ୍ତ ବିତର୍କ ଆଲୋଚନା ଉପରେ ହ. ମସିହ୍ ମଉଦ୍ ଅ. ସ ଏକ ସମୀକ୍ଷା (ରିଭ୍ୟୁ) ଲେଖିଥିଲେ । ତାହା 'ରୁହାନୀ ଖଜାଇନ୍'ର ଗ୍ରନ୍ଥଖଣ୍ଡ-19ରେ **"ରିଭ୍ୟୁ ବର୍ ମୁବାହିସା ବଟାଲ୍‌ୱୀ ଓ ଚକ୍‌ଡ଼ାଲ୍‌ୱୀ"** ଶୀର୍ଷକରେ ଉପଲବ୍ଧ ଅଟେ । ସେଥିରେ ପୁଣ୍ୟଶ୍ଳୋକ ହ ମସିହ ମଉଦ୍ ଅ.ସ ପବିତ୍ର କୁରଆନ୍ କରୀମ୍ ଏବଂ ହଦିସ୍‌ର ମହାନ୍ ଶିକ୍ଷା ସମ୍ପର୍କରେ ସେହି ଦୁଇଜଣଙ୍କୁ ଯେଉଁ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି, ତାହା ନିମ୍ନରେ ଉଲ୍ଲେଖ କରାଗଲା । ମୁସଲମାନ୍ ବିଦ୍ୱାନ୍ ଏବଂ ସେମାନଙ୍କ ସରକାର ପାଇଁ ଏହି ମାର୍ଗଦର୍ଶନ କାର୍ଯ୍ୟାନୁସରଣଯୋଗ୍ୟ ଅଟେ ।

ଆପଣ ଅ.ସ କହିଲେ, କହିଲେ: "ତିନୋଟି ପ୍ରସଙ୍ଗ ରହିଛି ଯାହା ତୁମମାନଙ୍କର ମାର୍ଗଦର୍ଶ ନିମନ୍ତେ ଈଶ୍ୱର ତୁମମାନଙ୍କୁ ପ୍ରଦାନ କରିଛନ୍ତି । 1- ମାର୍ଗଦର୍ଶନର ପ୍ରଥମ ମାଧ୍ୟମ ହେଉଛି ପବିତ୍ର କୁରଆନ୍ କରୀମ୍ । 2- ମାର୍ଗଦର୍ଶନର ଦ୍ୱିତୀୟ ମାଧ୍ୟମ ହେଉଛି ସୁନ୍ନତ୍, ଅର୍ଥାତ ସେହି ପବିତ୍ର ଆଦର୍ଶ ଯାହା ଆଁହଜରତ୍ ସ.ଅ ନିଜର କୃତ୍ୟ ଓ ଆଚରଣ ଦ୍ୱାରା କରି ଦେଖାଇଛନ୍ତି । ଉଦାହରଣ ସ୍ୱରୂପ, ଆପଣ ସ.ଅ ନମାଜ୍ ପଢ଼ି ଦେଖାଇଲେ ଯେ ଏହିପରି ନମାଜ ପଢ଼ିବା ଉଚିତ ଏବଂ ରୋଜା ରଖି ଦେଖାଇଲେ ଯେ, ଏହିପରି ରୋଜା ରଖିବା ଉଚିତ୍ । ଏହାରି ନାମ ସୁନ୍ନତ୍ ଅଟେ । ଅର୍ଥାତ୍ ଆଁହଜରକତ୍ ସ.ଅଙ୍କ କୃତ୍ୟ ତଥା କାର୍ଯ୍ୟ ପ୍ରଣାଳୀ ଯାହା ଈଶ୍ୱରଙ୍କ ବାଣୀକୁ ବ୍ୟବହାରିକ ରୂପରେ ପ୍ରଦର୍ଶିତ କରୁଥିଲା, ତେଣୁ ଏହାକୁ ହିଁ ସୁନ୍ନତ୍ କୁହାଯାଏ । 3- ମାର୍ଗଦର୍ଶନର ତୃତୀୟ ମାଧ୍ୟମ ହେଉଛି ହଦିସ୍, ଯାହା ଆପଣଙ୍କ ପରେ ଆପଣଙ୍କ ମୁଖ ନିଃସୃତ ବାଣୀସମୂହକୁ ସଂଗ୍ରହ ଓ ଏକତ୍ରିତ କରାଯାଇଛି । ହଦିସ୍‌ର ସ୍ଥାନ ପବିତ୍ର କୁରଆନ୍ କରୀମ୍ ଏବଂ ସୁନ୍ନତ ଠାରୁ ନିମ୍ନରେ ରହିଛି, କାରଣ ଅଧିକାଂଶ ହଦିସ୍ ଅନୁମାନଭିତ୍ତିକ ତଥା ଧାରଣାଭିତ୍ତିକ ଅଟନ୍ତି । କିନ୍ତୁ ଯଦି ହଦିସ୍ ସହିତ୍ ସୁନ୍ନତ୍ ଥାଏ, ତେବେ ତାହା ହଦିସକୁ ସୁନିଶ୍ଚିତ କରିଦେବ ।" **(କିସ୍ତି-ଏ-ନୁହ୍, ପୃଷ୍ଠା-33-34, ପ୍ରକାଶନ ସ୍ଥାନ, ନଜାରତ୍ ନଶ୍ରୋ ଇଶାଅତ୍ କାଦିୟାନ୍, 2018 ମସିହା)**

ଉକ୍ତ ମାର୍ଗଦର୍ଶନ ସଂପର୍କରେ ପୁଣ୍ୟଶ୍ଳୋକ ହ. ମସିହ ମଉଦ୍ ଅ.ସ ଉକ୍ତ ଉଭୟ ବିଦ୍ୱାନ୍‌ମାନଙ୍କ ବିତର୍କ ଉପରେ ସମୀକ୍ଷା କରି କରିଛନ୍ତି । ଆପଣ ଅ.ସ ତହିଁରେ କୁହନ୍ତି: "ପ୍ରକୃତ କଥା ଏହିକି ଯେ, ଏହି ଦୁଇ ଦଳ ମଧ୍ୟରୁ ଗୋଟିଏ ଦଳ ଅତିରଞ୍ଜନର (ଆଧିକ୍ୟତା) ପଥ ଆପଣାଇଛି ଏବଂ ଅନ୍ୟ ଦଳଟି ଅବହେଳାର ପଥ (ନ୍ୟୁନତା ପନ୍ଥା ଅବଲମ୍ବନ କରିଛି) । ପ୍ରଥମ ଦଳ ଅର୍ଥାତ ମୁହମ୍ମଦ ହୁସୈନ ସାହେବ ଯଦିଓ ଉକ୍ତ କଥାରେ ସତ୍ୟ ଉପରେ ଅଛନ୍ତି ଯେ ଆହାଦିସେ ନବୱୀୟାହ୍ ମର୍‌ଫୁ' ଓ ମୁତ୍ତସିଲା (ଆଁହଜରତ୍ ସ.ଅଙ୍କ ମୁଖ ନିଃସୃତ ହଦିସ୍ ଏବଂ ଆପଣ ସ.ଅଙ୍କ ସହିତ ସଂଶ୍ଳୀଷ୍ଟ ଥିବା ହଦିସ୍) ହଦିସ୍‌ଗୁଡ଼ିକ ଏପରି ପ୍ରସଙ୍ଗ ନୁହେଁ ଯେ, ସେଗୁଡ଼ିକୁ ବେକାର, ଅନାବଶ୍ୟକ ଓ ନିରର୍ଥକ ମନେକରାଯାଉ। କିନ୍ତୁ ଯଦି ତାହା ମର୍ଯ୍ୟାଦା ସଠିକ୍ ସ୍ତର ଏବଂ ନିୟମକୁ ପାସୋରି ଦେଇ ହଦିସର ସ୍ଥାନ ତଥା ମର୍ଯ୍ୟାଦାକୁ ଏପରି ଉଚ୍ଚ ସୌଧ (ମିନାରା) ଉପରକୁ ନେଇଯାଉଛି ଯଦ୍ଦ୍ୱାରାକି ପବିତ୍ର କୁରଆନ କରୀମର ମର୍ଯ୍ୟାଦା ହାନୀ ହେଉଛି ଏବଂ ପବିତ୍ର କୁରଆନ୍ କରୀମ୍‌କୁ ଅସ୍ୱୀକାର କରିବାକୁ ପଡୁଛି । ଏହା ସ୍ପଷ୍ଟ ଭୁଲ୍ ଅଟେ ଏବଂ ନ୍ୟାୟର ପଥରୁ ସୀମା ଲଂଘନ ଅଟେ । ଆଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: فَبِاَیِّ حَدِیۡثٍۭ بَعۡدَ اللّٰہِ وَاٰیٰتِہٖ یُؤۡمِنُوۡنَ ଅର୍ଥାତ "ଈଶ୍ୱର ଏବଂ ତାହାଙ୍କ ଆୟାତ୍ (ନିଦର୍ଶନଗୁଡ଼ିକ)ଗୁଡ଼ିକ ପରେ ସେମାନେ ଆଉ କେଉଁ ହଦିସ୍ ଏବଂ ଆଉ କେଉଁ କଥା ଉପରେ ବିଶ୍ୱାସ ଆଣିବେ ?" ... ଏବଂ ସେମାନଙ୍କର ବିରୋଧୀ ମୌଲବୀ ଅବ୍‌ଦୁଲ୍ଲାଃ ସାହେବ ନ୍ୟୁନତା (ହ୍ରାସତ୍ୱ) ପଥରେ ପାଦ ଥାପିଛନ୍ତି । ସେ ମୂଳରୁ ହିଁ ହଦିସ୍‌ଗୁଡ଼ିକୁ ଅସ୍ୱୀକାର କରିଦେଇଛନ୍ତି । ହଦିସ୍‌କୁ ଅସ୍ୱୀକାର କରିବା ଏକ ପ୍ରକାର ପବିତ୍ର କୁରଆନ କରୀମ୍‌କୁ ମଧ ଅସ୍ୱୀକାର କରିବା ସହିତ ସମାନ ଅଟେ । କାରଣ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କୁହନ୍ତି: 'قُلۡ اِنۡ کُنۡتُمۡ تُحِبُّوۡنَ اللّٰہَ فَاتَّبِعُوۡنِیۡ یُحۡبِبۡکُمُ اللّٰہُ ଅର୍ଥାତ୍ ହେ ମୁହମ୍ମଦ ସ.ଅ କୁହ ! ଯଦି ତୁମେମାନେ (ସାହାବାମାନେ) ଅଲ୍ଲାଃଙ୍କୁ ଭଲପାଅ, ତେବେ ମୋର ଅନୁସରଣ କର, ଅଲ୍ଲାଃ ମଧ ତୁମକୁ ଭଲପାଇବେ । ତେଣୁ ଯେହେତୁ ସର୍ବଶକ୍ତିମାନ ଈଶ୍ୱରଙ୍କ ପ୍ରେମ ପବିତ୍ର ମହାବତାର ହ. ମୁହମ୍ମଦ ସ.ଅଙ୍କ ପ୍ରେମ ସହିତ ସଂଶ୍ଳୀଷ୍ଟ ଏବଂ ଆପଣଙ୍କର ବ୍ୟବହାରିକ ଆଦର୍ଶଗୁଡ଼ିକୁ...ପ୍ରାପ୍ତ କରିବା ଓ ସନ୍ଧାନ କରିବା ପାଇଁ, ଯେଉଁ ଆଦର୍ଶ ଉପରେ ଅନୁସରଣ କରିବା ଓ ଆଜ୍ଞାବହତ୍ୱ ନିର୍ଭର କରିଥାଏ ତାହା ହଦିସ୍‌ର ଏକ ଅନ୍ୟତମ ମାଧ୍ୟମ ଅଟେ । ତେଣୁ ଯେଉଁ ବ୍ୟକ୍ତି ହଦିସ୍‌କୁ ପରିତ୍ୟାଗ କରିଦିଏ (ଛାଡ଼ିଦିଏ) ସେ ଅନୁସରଣ ଓ ଆଜ୍ଞାବହତ୍ୱର ପନ୍ଥାକୁ ମଧ ପରିତ୍ୟାଗ କରିଦିଏ ।"

ପୁଣ୍ୟଶ୍ଳୋକ ହ. ମସିହ ମଉଦ୍ ଅ.ସ ଅନ୍ୟ ମୁହଦ୍ଦିସ୍ (ହଦିସ୍ ବିଶାରଦ ବା ହଦିସର ବିଦ୍ୱାନ୍) ଏବଂ ସେମାନଙ୍କ ସମାଲୋଚକମାନଙ୍କ ମାର୍ଗ (ପନ୍ଥା) ଠାରୁ ହଟି ହଦିସ୍‌କୁ ପରଖିବାର ଯେଉଁ ଉପାୟ କହିଛନ୍ତି ତାହା ଏହିପରି ଯେ, ଯେଉଁ ହଦିସ୍ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ସହିତ ମେଳ ଖାଏ ତାହା ଯେତେ ଦୁର୍ବଳ (ଜଇଫ୍) ହୋଇଥାଉ ନା କାହିଁକି ତାହାକୁ ଗ୍ରହଣ କରାଯିବା ଉଚିତ । କିନ୍ତୁ ଯଦି କୌଣସି ହଦିସ୍ ଯେତେ ପ୍ରାମାଣିକ ଓ ଅହରହ ତଥା ନିରନ୍ତରତ୍ୱ ହୋଇଥାଉ ନା କାହିଁକି ତାହା ଯଦି ପବିତ୍ର କୁରଆନ୍ କରୀମ୍ ଶିକ୍ଷାର ସ୍ପଷ୍ଟ ବିରୋଧୀ ହୁଏ ତେବେ ସେପରିପ୍ରେକ୍ଷୀରେ ପ୍ରଥମେ ସେହି ହଦିସ୍ ମଧ୍ୟରେ ସମନ୍ୱୟତା ରକ୍ଷା କରିବା ପ୍ରତି ଚେଷ୍ଟା ଓ ଚିନ୍ତା କରିବା ଉଚିତ । କିନ୍ତୁ ଯଦି କୌଣସି ପ୍ରକାରେ ବିରୋଧାଭାସ ଦୂର ନ ହୁଏ, ତେବେ ସେପରିପ୍ରେକ୍ଷାରେ ଏପରି ହଦିସକୁ ତ୍ୟାଗ କରିଦେବା ଉଚିତ୍ । କାରଣ ତାହା ରସୁଲ୍ କରୀମ୍ ସ.ଅଙ୍କ ତରଫରୁ ମୁଖ ନିଃସୃତ ଓ ଉଦ୍ଧୃତ ହୋଇ ନାହିଁ । ପୁନଶ୍ଚ ଆପଣ ଅ.ସ କୁହନ୍ତି, ଯଦି କୌଣସି ହଦିସ୍ ଏପରି ଅଛି ଯେଉଁଥିରେ କୌଣସି ଭବିଷ୍ୟବାଣୀ ଅନ୍ତର୍ଭୁକ୍ତ ଅଛି, କିନ୍ତୁ ମୁହଦ୍ଦିସନ୍‌ମାନଙ୍କ ନିକଟରେ ତାହା ଦୁର୍ବଳ (ଜଇଫ୍) ଅଟେ ଏବଂ କୌଣସି ସମୟରେ ସେହି ଭବିଷ୍ୟବାଣୀ ସତ୍ୟ ପ୍ରମାଣିତ ହୋଇଯାଏ, ତେବେ ସେପରିପ୍ରେକ୍ଷୀରେ ସେହି ହଦିସ୍‌କୁ ମଧ ସତ୍ୟ ବୋଲି ସ୍ୱୀକାର କରିବା ଉଚିତ୍ । ଏପରି ମୁହଦ୍ଦିସ୍ ଓ ବର୍ଣ୍ଣନାକାରୀମାନଙ୍କୁ ଭୁଲ୍ ଏବଂ ମିଥ୍ୟାବାଦୀ ମନେକର ଯେଉଁମାନେ ସେହି ହଦିସ୍‌କୁ ଦୁର୍ବଳ କିମ୍ବା ପରିକଳ୍ପିତ (ମୌଜୁ) ବୋଲି ବିବେଚିତ କରିଥିଲେ । ଏପରି ଶହ ଶହ ହଦିସ୍ ଅଛି ଯେଉଁଥିରେ ଭବିଷ୍ୟବାଣୀର ଉଲ୍ଲେଖ ରହିଛି ଏବଂ ସେଥି ମଧ୍ୟରୁ ଅଧିକାଂଶ ହଦିସ୍ ମୁହଦ୍ଦିସ୍‌ମାନଙ୍କ ନିକଟରେ ଖଣ୍ଡିତ (ଅପୂର୍ଣ୍ଣ)କିମ୍ବା ଦୁର୍ବଳ । ତେଣୁ ଯଦି ସେଥି ମଧ୍ୟରୁ କୌଣସି ହଦିସ୍ ପୂର୍ଣ୍ଣ ହୋଇଯାଏ ଏବଂ ତୁମେମାନେ ଏହା କହି ଏଡ଼ାଇ ଦିଅ ଯେ ଆମେ ଏହି ହଦିସ୍‌କୁ ମାନୁ ନାହୁଁ କାରଣ ଏହି ହଦିସଟି ଦୁର୍ବଳ କିମ୍ବା ଏହାର ବର୍ଣ୍ଣନାକାରୀ ଧାର୍ମିକ ନୁହଁନ୍ତି, ତେବେ ସେହି ପରିସ୍ଥିତିରେ ଅବଶିଷ୍ଟାଂଶ..ପୃ-09 ରେ



(ଖୁତ୍‌ବା ଜୁମା)

## ଅଲ୍ଲାଃତାଲା, ଆଁହଜରତ୍‌ସ.ଅଙ୍କ ଆଦର୍ଶ ଅନୁକରଣରେ ଯୁଗାବତାର ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଅଭାବିମାନଙ୍କୁ ସାହାଯ୍ୟ ଏବଂ ବଦାନ୍ୟତାର ବିଶ୍ୱାସବର୍ଦ୍ଧକ ଚର୍ଚ୍ଚା ।

**ଖୁତ୍‌ବା ଜୁମା 26 JUNE 2026 ମସିହା ଅନୁଯାୟୀ ୨୬ ଇହସାନ୍ ୧୪୦୫ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُ لِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ۔ مٰلِكِ يَوْمِ الدِّيْنِ۔ إِيَّاكَ نَعْبُدُ وَإِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔ صِرَاطَ الَّذِيْنَ أَنْعَمْتَ عَلَيْهِمْ۔ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଅଲ୍ଲାଃତାଲାଙ୍କ ଆଦେଶାବଳୀ ଏବଂ ଆଁହଜରତ୍ ସ.ଅଙ୍କ ଆଦର୍ଶକୁ ଅନୁସରଣ କରି ହ. ମସିହ୍ ମଉଦ ଅ.ସଙ୍କ ଜୀବନରେ ମଧ୍ୟ ଆମମମାନଙ୍କୁ ଦୀନ ଦରିଦ୍ର ଲୋକମାନଙ୍କର ସେବା, ପରୋପକାରୀତା, ଉଦାରତା ଓ ବଦାନ୍ୟତାର ଅନେକ ଘଟଣାବଳୀ ଦେଖିବାକୁ ମିଳିଥାଏ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, କେବଳ ଦାବି କରିବା ପରେ ନୁହେଁ, ବରଂ ଆପଣ ଅ.ସଙ୍କ ଜୀବନର ପ୍ରାରମ୍ଭିକ ସମୟ ଏବଂ ଯୌବନ କାଳରେ ମଧ୍ୟ ଆମକୁ ହୁଜୁର ଅ.ସଙ୍କର ଉଚ୍ଚ ନୈତିକତାର ଅନେକ ଉଦାହରଣମାନ ଦେଖିବାକୁ ମିଳିଥାଏ। ସେହିପରି ଅଲ୍ଲାଃତାଲା ଆପଣ ଅ.ସଙ୍କୁ ଯେଉଁ ମା'ଙ୍କ କୋଳରେ ଲାଳିତ ପାଳିତ କରାଇଥିଲେ, ତାଙ୍କ (ମାତାଶ୍ରୀଙ୍କ) ଜୀବନକୁ ମଧ୍ୟ ଯଦି ଆମେ ଅବଲୋକନ କରୁ (ଦେଖୁ) ତେବେ ସେଠାରେ ମଧ୍ୟ ଆମକୁ ଗରିବ ସେବା ଏବଂ ଦାନଶୀଳତାର ଅନେକ ଘଟଣା ମଧ୍ୟ ଦେଖିବାକୁ ମିଳେ। ଅର୍ଥାତ୍ ଆପଣ ଅ.ସ ଏପରି ଜଣେ ମା'ଙ୍କ କୋଳରେ ବଡ଼ିଥିଲେ (ଲାଳିତ ପାଳିତ ହୋଇଥିଲେ) ଯିଏ ଆପଣ ଅ.ସଙ୍କୁ ଉଚ୍ଚ ନୈତିକତା ଶିଖାଇଥିଲେ। ଏହିପରି ଭାବରେ ଅଲ୍ଲାଃତାଲା ନିଜେ ଯେପରି ତାଙ୍କ (ହ. ମସିହ୍ ମଉଦ୍ ଅ.ସଙ୍କ) ସ୍ୱଭାବରେ ସତକର୍ମ ଓ ପୁଣ୍ୟ ସୃଷ୍ଟି କରିଥିଲେ, ସେହିପରି ଆପଣ ଅ.ସଙ୍କୁ ନିଜ ମା'ଙ୍କ ପକ୍ଷରୁ ମଧ୍ୟ ଏକ ପବିତ୍ର ପରିବେଶ ମଧ୍ୟ ପ୍ରାପ୍ତ ହୋଇଥିଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସୁତରାଂ ଆପଣ ଅ.ସଙ୍କ ମା'ଙ୍କର ସେହି ବଦାନ୍ୟତା ଓ ଦାନଶୀଳତାର ଚର୍ଚ୍ଚା କରି ହ. ଶେଖ୍ ୟାକୁବ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି: "ହ. ମାଈ ଚିରାଗ୍ ବିବି ସାହେବା ଅର୍ଥାତ୍ ମାତାଶ୍ରୀ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ବଂଶ ହୋଶିୟାରପୁର ଜିଲ୍ଲାର 'ଆଇମା' ଗ୍ରାମର ଏକ ସମ୍ମାନିତ ଏବଂ କୁଳୀନ ବଂଶୀୟ ମୋଗଲ ପରିବାର ଥିଲା । ତାଙ୍କ (ମାତାଶ୍ରୀଙ୍କ) ସ୍ୱଭାବରେ ଦାନଶୀଳତା, ଉଦାରତା ଏବଂ ଅତିଥି ସତ୍କାରକ ଗୁଣ୍ ଠୁଳ ହୋଇ ରହିଥିଲା । ଜଣେ ପବିତ୍ର ଓ ଚରିତ୍ରବତୀ ଦେବୀ(ନାରୀ)ଙ୍କଠାରେ ଯେଉଁ ସବୁ ଉଚ୍ଚ ଗୁଣ ରହିବା କଥା, ସେହି ସବୁ ଗୁଣ ତାଙ୍କଠାରେ ବିଦ୍ୟମାନ ଥିଲା । ସେ ସର୍ବଦା ହସଖୁସି ଏବଂ ଗମ୍ଭୀର ସ୍ୱଭାବରେ ରହୁଥିଲେ । ଅତିଥି ସତ୍କାର ପାଇଁ ତାଙ୍କ ହୃଦୟରେ ଅପାର ଉତ୍ସାହ ଏବଂ ବ୍ୟାପକତା ଥିଲା । ଯେଉଁମାନେ ତାଙ୍କର ଉଦାରତା ଏବଂ ଅତିଥି ସତ୍କାର ଦେଖିଛନ୍ତି, ସେମାନଙ୍କ ମଧ୍ୟରୁ କିଛି ଲୋକ ଏବେ ବି ଜୀବିତ ଅଛନ୍ତି (ଯେତେବେଳେ ହ. ମୌଲବୀ ୟାକୁବ୍ ଅଲୀ ସାହେବ ଇର୍ଫାନୀ ର.ଅ ଏହା ଲେଖୁଥିଲେ, ସେତେବେଳେ ସେ ଜୀବିତ ଥିଲେ)। ସେ ବର୍ଣ୍ଣନା କରନ୍ତି ଯେ, ଯେତେବେଳେ ତାଙ୍କୁ ବାହାରୁ ଖବର ମିଳୁଥିଲା ଯେ ଚାରିଜଣ ଲୋକଙ୍କ ପାଇଁ ଖାଦ୍ୟ ଦରକାର (ଅର୍ଥାତ୍ ଚାରିଜଣ ଅତିଥି ଆସିଛନ୍ତି) ସେତେବେଳେ ଭିତରୁ ଆଠ ଜଣରୁ ଅଧିକ ଲୋକଙ୍କ ପାଇଁ ଖାଦ୍ୟ ପଠା ଯାଉଥିଲା । କାରଣ ଯଦି ଅନ୍ୟ କେହି ଆସିଯାଆନ୍ତି କିମ୍ବା ସାଙ୍ଗରେ ଖାଦ୍ୟାସନ୍ନରେ ବସିଥାଆନ୍ତି, ତେବେ ସେମାନେ ମଧ୍ୟ ତାହା ଖାଇପାରିବେ ଏବଂ ଅତିଥିମାନଙ୍କ ଆଗମନରେ ତାଙ୍କୁ ଆନନ୍ଦ ଓ ତୃପ୍ତି ମିଳୁଥିଲା । (ଅର୍ଥାତ୍ ଅତିଥିମାନେ ଯେତେବେଳେ ଆସୁଥିଲେ ସେତେବେଳେ ସେ ବହୁତ ଖୁସି ହେଉଥିଲେ)।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ୟାକୁବ୍ ଅଲୀ ଇର୍ଫାନୀ ସାହେବ ଅତିରିକ୍ତ ଉଲ୍ଲେଖ କରନ୍ତି: "ହ. ସାହେବ୍ (ହ. ମସିହ୍ ମଉଦ୍ ଅ.ସ)ଙ୍କ ମାତାଶ୍ରୀ ନିଜ ସହରର ଅଭାବି ଗରିବ ଓ ଦୁର୍ବଳ ଲୋକଙ୍କର ବିଶେଷ ଯତ୍ନ ନେଉଥିଲେ । ତାଙ୍କ ନିତ୍ୟକର୍ମରେ ଏକ ବିଶେଷ କଥା ଏହା ଥିଲା ଯେ, ଗରିବ ଲୋକଙ୍କ ମୃତଦେହ ପାଇଁ କଫନ୍ (ସତ୍କାର ବସ୍ତ୍ର) ତାଙ୍କ ଘରୁ ମିଳୁଥିଲା ।" ଯଦି କୌଣସି ଗରିବ ଲୋକଙ୍କ ମୃତ୍ୟୁ ହେଉଥିଲା, ତେବେ ସେ ତାଙ୍କ ଶବ ସତ୍କାର ଓ କଫନର ବ୍ୟବସ୍ଥା କରୁଥିଲେ । ସଂକ୍ଷେପରେ କହିବାକୁ ଗଲେ, ଗରିବଙ୍କ ପ୍ରତି ସହାନୁଭୂତି ଏବଂ ସାହାଯ୍ୟ କରିବା ହେତୁ ସେ ସମସ୍ତଙ୍କ ପାଇଁ ଜଣେ ଦୟାଳୁ ଓ ସ୍ନେହମୟୀ ମାତା ପରି ଥିଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ ଅ.ସଙ୍କ ଲାଳନ ପାଳନରେ ମା'ଙ୍କର ଏହି ଗୁଣ ଓ ନୈତିକତାର ବିଶେଷ ପ୍ରଭାବ ପଡ଼ିଥିଲା । ଯେହେତୁ ଆପଣ ଅ.ସ ଏକ ମହାନ୍ ସମ୍ପ୍ରଦାୟର ଯୁଗାବତାର ହେବାର ଥିଲା, ସେଥିପାଇଁ ଅଲ୍ଲାଃତାଲା ପ୍ରାରମ୍ଭରୁ ହିଁ ଏହି ଉଚ୍ଚ ଗୁଣଗୁଡ଼ିକ ସୃଷ୍ଟି କରିବା ନିମନ୍ତେ ଆପଣ ଅ.ସଙ୍କ ସକାଶେ ଏପରି ସାଧନର ବ୍ୟବସ୍ଥା କଲେ ଯେ, ଆପଣ ଅ.ସଙ୍କୁ ଏପରି ସ୍ନେହମୟୀ ମା'ଙ୍କ କୋଳରେ ରଖିଲେ, ଯିଏ ସାଧାରଣ ଲୋକଙ୍କ ପ୍ରତି ସହାନୁଭୂତି, ଲୋକଙ୍କର ହିତୈଷୀନୀ (ହିତ ସାଧନ), ଅତିଥି ସତ୍କାର ଏବଂ ଦାନଶୀଳତାରେ ସ୍ୱୟଂ ହିଁ ଅତୁଳନୀୟ ଦୃଷ୍ଟାନ୍ତ ଥିଲେ । ଏହିପରି ଭାବରେ ଯେପରି ଆପଣ ଅ.ସ ଏହି ଗୁଣଗୁଡ଼ିକୁ ମା'ଙ୍କ କ୍ଷୀର ସହିତ ପାନ କରିଥିଲେ। ସନ୍ତୋଷ, ବୀରତା, ସାହସ ଏବଂ ସ୍ପଷ୍ଟବାଦୀତା ଗୁଣ ଆପଣ ଅ.ସଙ୍କୁ ପିତାଙ୍କ ପକ୍ଷରୁ ମିଳିଥିବା ବେଳେ ଅତିଥି ସତ୍କାର, ଦାନଶୀଳତା ଏବଂ ସାଧାରଣ ଲୋକଙ୍କ ପ୍ରତି ସହାନୁଭୂତି, ଲୋକ ହିତୈଷୀନୀ ମା'ଙ୍କ ପକ୍ଷରୁ ହିଁ ପ୍ରାପ୍ତ ହୋଇଥିଲା । **(ହୟାତେ ଅହମଦ୍, ଲେଖକ- ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-1, ଗ୍ରନ୍ଥ ଖଣ୍ଡ-2, ପୃଷ୍ଠା-217-218)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମସିହ୍ ମଉଦ ଅ.ସଙ୍କ ଯୌବନ କାଳର ବଦାନ୍ୟତାର ଯେଉଁ ଘଟଣାବଳୀ ମିଳେ, ସେଥି ସଂକ୍ରାନ୍ତରେ ହ. ମିଆଁ ଅଲ୍ଲାଃ ୟାର୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ଯେଉଁ ସମୟରେ ହୁଜୁର ଅ.ସ ସିଆଲକୋଟ୍‌ରେ ଚାକିରି କରୁଥିଲେ ସେତେବେଳେ ମଙ୍ଗଲ୍ ନାମକ ଜଣେ ଭଣ୍ଡାରୀ (ହଜ୍ଜାମ୍) ହାତରେ ହୁଜୁର ଅ.ସଙ୍କ ମାତାଶ୍ରୀ ହୁଜୁର ଅ.ସଙ୍କ ପାଇଁ ଦୁଇ ହଳ ପୋଷାକ ଏବଂ କିଛି 'ପିନି' (ଏକ ପ୍ରକାର ମିଠା) ପଠାଇଥିଲେ । ମଙ୍ଗଲ ଆସିଲା ବେଳେ ଆମ ଗ୍ରାମ ଦେଇ ଅତିକ୍ରମ କରୁଥିଲା । ଯେତେବେଳେ ସେ ଫେରିଲା, ମିଆଁ ଅଲ୍ଲାଃ ୟାର୍ ସାହେବ ବର୍ଣ୍ଣନା କରନ୍ତି ଯେ, "ସେ ଆମ ଗ୍ରାମ ଦେଇ ଗଲା । ସେ ଆମକୁ କହିଲା ଯେ, ଯେତେବେଳେ ମୁଁ ଏହିସବୁ ସାମଗ୍ରୀ ନେଇ ସିଆଲକୋଟ୍ ଗଲି ଏବଂ ହୁଜୁର ଅ.ସଙ୍କ ଆଗରେ ରଖିଦେଲି ସେତେବେଳେ ହୁଜୁର ଅନୱର୍ ଅ.ବ କହିଲେ: ହେ ମଙ୍ଗଲ ! 'ଯାହା ତୋ ଭାଗରେ ପଡୁଛି ତାହା ତୁ ନେଇଯା ଏବଂ ଯାହା ମୋର ଭାଗ ରହିଛି ତାହା ମୋତେ ଦେଇଦିଅ।' ମୁଁ କହିଲି ଯେ, ହୁଜୁର ! ଏହା ତ' ଆପଣ ଅ.ସଙ୍କ ପାଇଁ ଉଦ୍ଦିଷ୍ଟ ଅଟେ, ଅମ୍ମା ଜାନ୍ (ଆପଣ ଅ.ସଙ୍କ ମା') ଆପଣଙ୍କ ପାଇଁ ପଠାଇଛନ୍ତି ' ହୁଜୁର ଅ.ସ କହିଲେ, ତୁ ଏତେ ଦୂରରୁ ଏସବୁ ବୋହିକି ଆଣିଛୁ ତେଣୁ ତୁ ନିଜର ଅଧା ଭାଗ ନିଶ୍ଚୟ ନେଇଯା। ପରିଶେଷରେ ସେ ମୋତେ ଗୋଟିଏ ହଳ ପୋଷାକ ଏବଂ କିଛି ପିନି (ମିଷ୍ଟାନ୍ନ ବା ମିଠା) ଦେଇଦେଲେ ଏବଂ କହିଲେ, 'ଆମ୍ମା ଜାନ୍‌ଙ୍କୁ ଯାଇ କହିବ ଯେ ମୋତେ ଏଠାରୁ ଶୀଘ୍ର ଫେରାଇ ନିଅନ୍ତୁ । ମୋ ମନ ଏଠାରେ ଜମା ଲାଗୁନାହିଁ । ଲୋକମାନେ ଅନୁଚିତ ଓ ଅନୈତିକ କାର୍ଯ୍ୟରେ ଜୀବନ ବିତାଉଛନ୍ତି ଏବଂ ମୋ ମନ ସେମାନଙ୍କୁ ଦେଖି ଦୁଃଖିତ ଓ ବ୍ୟଥିତ ହେଉଅଛି ।"**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-2, ପୃଷ୍ଠା-230)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର ଅହମଦ୍ ସାହେବ ର.ଅ ହ. ସୟେଦ ଜୈନୁଲ୍ ଆବିଦୀନ୍ ୱଲୀଉଲ୍ଲାଃ ଶାହ୍ ସାହେବ ର.ଅଙ୍କ ସଂପର୍କରେ ବର୍ଣ୍ଣନା କରନ୍ତି ଯେ, "ମୁଁ ସିଆଲ୍‌କୋଟ୍ ଠାରେ ଥିଲି, ସେଠାରେ ମୋତେ ମାତା ହୟାତ୍ ବିବି ସାହେବା ବିନ୍ତ୍ ଫଜଲ୍ ଦୀନ୍ ସାହେବ (ଯିଏ କି ହାଫିଜ୍ ମୁହମ୍ମଦ ଶଫି ସାହେବ କାରୀଙ୍କ ମା' ଅଟନ୍ତି) ଙ୍କୁ ସାକ୍ଷାତ୍ କରିବାର ସୁଯୋଗ ମିଳିଲା...ମାଈ (ମାତା) ସାହେବା କହିଲେ ଯେ, ପୂର୍ବରୁ ମିର୍ଜା ସାହେବ ଏହି ମୁହଲ୍ଲାର ଗୋଟିଏ 'ଚୌବାରା' (ଉପର ମହଲା ଘର)ରେ ରହୁଥିଲେ, ଯାହା ଆମର ବର୍ତ୍ତମାନର ମୁହଲ୍ଲା ଝଣ୍ଡାନ୍‌ୱାଲା ସ୍ଥିତ ଘର ସହ ସଂଲଗ୍ନ (ଲାଗିଥିଲା) ଥିଲା । ଯେତେବେଳେ ସେହି ଚୌବାରାଟି ଭାଙ୍ଗିଗଲା, ସେତେବେଳେ ମିର୍ଜା ସାହେବ ମୋ ବାପାଙ୍କର ମୁହଲ୍ଲା କାଶ୍ମୀରୀ ସ୍ଥିତ ଘରକୁ ସ୍ଥାନାନ୍ତରିତ ହେଲେ ।" ସେ କୁହନ୍ତି ଯେତେବେଳେ ସେ ଆମ ଘରକୁ ଆସିଲେ ସେତେବେଳେ ମୁଁ ଦେଖିଲି ଯେ, "ଘରେ ସେ (ହ. ମସିହ୍ ମଉଦ୍ ଅ.ସ) କାହା ସହିତ ମିଶୁ ନଥିଲେ ଏବଂ ସେ ଆହୁରି ମଧ୍ୟ କହିଲେ ଯେ: ହୁଜୁର ଅ.ସ ଯେଉଁ ଦରମା ଆଣୁଥିଲେ ତାହା ମହଲ୍ଲାର ବିଧବା ଏବଂ ଗରିବମାନଙ୍କ ମଧ୍ୟରେ ବାଣ୍ଟି ଦେଉଥିଲେ । ଆପଣ ଅ.ସ ନୂତନ ବସ୍ତ୍ର ସିଲେଇ (ତିଆରି) କରି ସେମାନଙ୍କୁ ଦେଉଥିଲେ କିମ୍ବା ସେମାନଙ୍କୁ ନଗଦ ଟଙ୍କା ଦେଇ ଦେଉଥିଲେ ଏବଂ ନିଜ ପାଇଁ କେବଳ ଖାଇବା ଖର୍ଚ୍ଚ ରଖୁଥିଲେ ।" **(ସିରତୁଲ୍ ମହ୍‌ଦୀ, ଭାଗ-1, ଗ୍ରନ୍ଥ ଖଣ୍ଡ-3, ପୃଷ୍ଠା-594-595, ରିୱାୟତ୍ ନଂ-625)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ: "ଦାନଶୀଳତା ଓ ବଦାନ୍ୟତା ସଂପର୍କରେ...ଯେତେବେଳେ ଆମେ ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନକୁ ଦେଖୁ ଏବଂ ଆମ ସାମ୍ନାକୁ ଆସୁଥିବା ଘଟଣା ଓ ପରିସ୍ଥିତି ଉପରେ ନଜର ପକାଉ, ସେତେବେଳେ ଏହା ଜଣାପଡ଼େ (ଏହା ଜ୍ଞାତ ହୁଏ) ଯେ, ଆପଣ ଅ.ସଙ୍କୁ ଏହି ମହାନ୍ ଚରିତ୍ରରୁ ବହୁତ ବଡ଼ ଅଂଶ ପ୍ରଦାନ କରାଯାଇଥିଲା ଏବଂ ଏହି ଆଚରଣ ଶୈଳୀ ଆପଣଙ୍କ ଜୀବନରେ ସେହି ସମୟରୁ ଦେଖିବାକୁ ମିଳିଥିଲା ଯେବେଠାରୁ ଆପଣ ଅ.ସ ବୁଦ୍ଧିମାନ ହୋଇଥିଲେ ।" ଅର୍ଥାତ୍ ବାଲ୍ୟ କାଳରୁ ଆରମ୍ଭ କରି ଏବଂ ଯୌବନ କାଳ ପର୍ଯ୍ୟନ୍ତ । ଏହା ନୁହେଁ ଯେ, ନିଯୁକ୍ତ ହେବାର ଦାୟିତ୍ୱ ମିଳିବା ପରେ ଆପଣଙ୍କ ଠାରେ ଏହିପରି ନୈତିକତା ଗୁଣ କୌଣସି ଦେଖାଣିଆ ତଥା ଆଡ଼ମ୍ବରତା ଭାବ ପ୍ରକାଶ ପାଉଥିଲା । ବରଂ ଏହା ଆପଣଙ୍କ ସ୍ୱଭାବର ଗୋଟିଏ ଅଙ୍ଗ ଥିଲା । ଏହି ପ୍ରକାରର ଚରିତ୍ର ବେଳେବେଳେ ସମ୍ପୂର୍ଣ୍ଣ ରୂପେ ଗୁପ୍ତ ହୋଇଥାଏ ଏବଂ କେତେବେଳେ ଏପରି ପ୍ରାକୃତିକ ଭାବେ ପ୍ରକାଶ ପାଉଥିଲା ଯେ ଅନ୍ୟମାନେ ମଧ୍ୟ ଜାଣିପାରୁଥିଲେ । ଆପଣଙ୍କର ସାଧାରଣ ଧ୍ୟାନ ଏହି ଆଡ଼କୁ ଥିଲା ଯେ, ଆପଣ ଅ.ସଙ୍କର ପୁଣ୍ୟ ଗୁପ୍ତ ରହୁ (ଆପଣ ଅ.ସ କୌଣସି ସତକର୍ମ କଲେ ତାହା ଯେପରି ଲୁଚି ରହୁ)। "ସେଥିପାଇଁ ପ୍ରାରମ୍ଭିକ ଜୀବନର ଦାନଶୀଳତାର

ଘଟଣାବଳୀଗୁଡ଼ିକ ସାଧାରଣତଃ ଗୁପ୍ତ ରହୁଥିଲା । କାରଣ ଆପଣ ଅ.ସ ନିର୍ଜନ ପ୍ରିୟ ଥିଲେ ଏବଂ ଗୁପ୍ତ ଭାବରେ... ସମୟାନୁସାରେ କିଛି ଲୋକଙ୍କ ସହିତ ଆପଣ ଅ.ସ ସାହାଯ୍ୟପୂର୍ଣ୍ଣ ବ୍ୟବହାର କରୁଥିଲେ । କିନ୍ତୁ ଯେତେବେଳେ ଅଲ୍ଲାଃତାଲା ଆପଣ ଅ.ସଙ୍କୁ ଜନସାଧାରଣଙ୍କ ସାମ୍ନାକୁ (ଲୋକାଭିମୁଖୀ କରାଇଲେ) ଆଣିଲେ, ଆପଣ ଅ.ସଙ୍କୁ ନିଯୁକ୍ତ କଲେ ଏବଂ ଲୋକଙ୍କ ଗମନା ଗମନ ବୃଦ୍ଧି ପାଇଲା ଓ ଆପଣଙ୍କ ପରିସ୍ଥିତି ତଥା ଅବସ୍ଥା ସାର୍ବଜନୀନ ହେଲା, ସେତେବେଳେ ଏହିସବୁ ଘଟଣାର ପ୍ରତ୍ୟକ୍ଷଦର୍ଶୀ ଏବଂ ବର୍ଣ୍ଣନାକାରୀ ବ୍ୟକ୍ତିମାନେ ମଧ୍ୟ ସୃଷ୍ଟି ହେଲେ.. ।"

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ୟାକୁବ୍ ଅଲୀ ଇର୍ଫାନୀ ସାହେବ ଉଲ୍ଲେଖ କରନ୍ତି ଯେ, ସାହାଯ୍ୟ ଭିକ୍ଷା କରୁଥିବା ବ୍ୟକ୍ତି (ଭିକ୍ଷୁକ)ଙ୍କୁ ଆପଣ କେବେବି ଫେରାଉ ନଥିଲେ। ଆପଣଙ୍କ ଜୀବନ 'اَمَّاالسَّآئِلَ فَلَاتَنۡهَرۡ' (ଏବଂ ମାଗୁଥିବା ଲୋକକୁ ଧମକାଅ ଓ ଭର୍ତ୍ସନା କର ନାହିଁ) ର ଗୋଟିଏ ଜୀବନ୍ତ ଓ ବ୍ୟବହାରିକ ବ୍ୟାଖ୍ୟା ଥିଲା । ହ. ମୌଲାନା ଅବ୍‌ଦୁଲ୍ କରୀମ୍ ର.ଅ କୁହନ୍ତି ଯେ, ଦିନେ ଏପରି ହେଲା ଯେ ଅସର୍ ନମାଜ୍ (ଅପରାହ୍ନ) ପ୍ରାର୍ଥନା ପରେ ଆପଣ ଅ.ସ ସାଧାରଣ ନିୟମାନୁସାରେ ଉଠିଲେ ଏବଂ ମସ୍‌ଜିଦ୍‌ର ଝରକା ଦେଇ ଭିତରକୁ ଯିବା ପାଇଁ ପାଦ ରଖିଲେ । ଠିକ ସେତିକି ବେଳେ ଜଣେ ଭିକ୍ଷୁକ ଧୀରେ କହିଲା ଯେ, 'ଆଜ୍ଞା ମୁଁ ଜଣେ ମାଗୁଥିବା ଲୋକ ଅଟେ ।' ହୁଜୁର ଅ.ସଙ୍କର ସେହି ସମୟରେ ଗୋଟିଏ ଜରୁରୀ କାମ ଥିଲା ଏବଂ କିଛି ମାତ୍ରାରେ ସେହି ଭିକ୍ଷୁକର ସ୍ୱର ଅନ୍ୟ ଲୋକଙ୍କ ସ୍ୱର ସହିତ ମିଶିଗଲା, ଯେଉଁମାନେ ପ୍ରାର୍ଥନା ପରେ ଉଠି ଅଭ୍ୟାସଗତ ଭାବେ ପରସ୍ପର ମଧ୍ୟରେ କିଛି ନା କିଛି କଥାବାର୍ତ୍ତା ହେଉଥିଲେ। ଅତଏବ୍ ହୁଜୁର ଅ.ସ ଅଜାଣତରେ ଭିତରକୁ ଚାଲିଗଲେ" (ଅର୍ଥାତ୍ ଅଜାଣତରେ ଧ୍ୟାନ ନଦେଇ ଭିତରକୁ ଚାଲିଗଲେ) । ଯଦିଓ କାନରେ ସାମାନ୍ୟ ସ୍ୱର ପଡ଼ିଥିଲା, କିନ୍ତୁ ଅନ୍ୟ କାମର ବ୍ୟସ୍ତତା ମନରେ ଥିବାରୁ ଧ୍ୟାନ ନଦେଇ ଆପଣ ଅ.ସ ଚାଲିଗଲେ । "କିନ୍ତୁ ଯେତେବେଳେ ତଳକୁ ଗଲେ, ସେହି ଧୀର ସ୍ୱର ଯାହା କାନରେ ପଡ଼ିଥିଲା, ତାହା ଆପଣ ଅ.ସଙ୍କ ହୃଦୟ ଉପରେ ଏକ ଗଭୀର ପ୍ରଭାବ ପକାଇଲା ।" କିନ୍ତୁ ଭିତରକୁ ଯାଇ ଆପଣ ଅନୁଭବ କଲେ ଯେ ମୁଁ ଏପରି କିଛି ସ୍ୱର ଶୁଣିଥିଲି । କେହି ଜଣେ କହିଥିଲା ମୁଁ ମାଗୁଥିବା ଲୋକ । ଆପଣଙ୍କ ହୃଦୟ ଉପରେ ଏହାର ଗଭୀର ପ୍ରଭାବ ପଡ଼ିଲା । ଆପଣ ଅ.ସ "ଶୀଘ୍ର ଫେରି ଆସିଲେ ଏବଂ ଖଲିଫା ନୁରୁଦ୍ଦୀନ୍ ସାହେବଙ୍କୁ ଡାକି କହିଲେ ଯେ, 'ଜଣେ ମାଗୁଥିବା ଲୋକ ଥିଲା, ତାକୁ ଦେଖନ୍ତୁ । ଅର୍ଥାତ୍ ଯେଉଁ ମାଗୁଥିବା ଲୋକ ଥିଲା ସେ କେଉଁଠି ଅଛି ? ସେହି ଭିକ୍ଷୁକ ଆପଣ ଅ.ସଙ୍କ ଯିବା ପରେ ଚାଲିଯାଇଥିଲା । ଖଲିଫା ଅୱଲ୍ ର.ଅ ସାହେବ ବହୁତ ଖୋଜିଲେ ମଧ୍ୟ ତା'ର ସନ୍ଧାନ ପାଇଲେ ନାହିଁ । ଖଲିଫା ନୁରୁଦ୍ଦୀନ୍ ସାହେବ କାଶ୍ମୀରର ଅଧିବାସୀ ଥିଲେ। ସେ ଯାହା ହେଉ ସେ କୁହନ୍ତି ଯେ, "ସନ୍ଧ୍ୟାରେ ଅଭ୍ୟାସଗତ ଭାବେ ପ୍ରାର୍ଥନା କରି ସାରିବା ପରେ ସେହି ଭିକ୍ଷୁକ ଆସିଗଲା ଏବଂ ସାହାଯ୍ୟ ମାଗିଲା । ହୁଜୁର ଅ.ସ ଯଥାଶୀଘ୍ର ପକେଟରୁ କିଛି ବାହାର କରି ତା' ହାତରେ ରଖିଦେଲେ ଏବଂ ବର୍ତ୍ତମାନ ଏପରି ମନେହେଲା ଯେ, ଆପଣ ଏତେ ଖୁସି ହେଲେ ଯେପରି ଆପଣ ଅ.ସଙ୍କ ଉପରୁ କୌଣସି ବୋଝ ଯେମିତି ହାଲକା ହୋଇଯାଇଛି । କିଛି ଦିନ ପରେ...ଆପଣ ଅ.ସ ଉଲ୍ଲେଖ କଲେ ଯେ,'ସେଦିନ ଯେତେବେଳେ ସେହି ମାଗୁଥିବା ଲୋକଟି ମିଳିଲା ନାହିଁ, ମୋ ହୃଦୟ ଉପରେ ଏପରି ବୋଝ ଥିଲା ଯେ ତାହା ମୋତେ ଅତ୍ୟନ୍ତ ଅସ୍ଥିର କରି ପକାଇଥିଲା ଏବଂ ମୁଁ ଡରୁଥିଲି ଯେ ମୋ ଦ୍ୱାରା କୌଣସି ପାପ ହୋଇଗଲା କି ଯେ ମୁଁ ସାହାଯ୍ୟ ମାଗୁଥିବା ଲୋକ ପ୍ରତି ଧ୍ୟାନ ଦେଲି ନାହିଁ ? ତେଣୁ ମୁଁ ଏପରି ଶୀଘ୍ର ଭିତରକୁ ଚାଲିଗଲି । ମୁଁ ଅଲ୍ଲାଃ ତାଲାଙ୍କୁ କୃତଜ୍ଞତା ଜଣାଉଛି ଯେ, ସେହି ଭିକ୍ଷୁକ ବ୍ୟକ୍ତି ସନ୍ଧ୍ୟା ସମୟରେ ଫେରି ଆସିଲା । ଅନ୍ୟଥା ଈଶ୍ୱର ହିଁ ଜାଣନ୍ତି ମୁଁ କେତେ ବ୍ୟାକୁଳତାରେ ରହି ଥାଆନ୍ତି ? ମୁଁ ଏହି ପ୍ରାର୍ଥନା ମଧ୍ୟ କରିଥିଲି ଯେ ହେ ଅଲ୍ଲାଃ ! ତାଲା ତୁମ୍ଭେ ତାକୁ (ଭିକ୍ଷୁକ୍ତ ବ୍ୟକ୍ତିକୁ) ଫେରାଇ ଆଣ ।" **(ସିରତ୍ ହ. ମସିହ ମଉଦ୍ ଅ.ସ, ଲେଖକ- ହ. ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ, ଭାଗ-2, ପୃଷ୍ଠା-285-286)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହିପରି ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ ନିଜ ରଚିତ ଜୀବନୀରେ ଗୋଟିଏ ସ୍ଥାନରେ ଉଲ୍ଲେଖ କରନ୍ତି ଯେ, "କାଦିୟାନ୍ ନିକଟରେ ସଠିୟାଲୀ ନାମକ ଗୋଟିଏ ଛୋଟ ଗ୍ରାମ ଅଛି, ଯାହା କାଦିୟାନ୍‌ରୁ ପ୍ରାୟ ଛଅ ମାଇଲ୍ ଦୂରତାରେ ଅବସ୍ଥିତ ଅଟେ । ସେଠାରୁ ଜଣେ ଜାଟ୍ ଫକୀର (ସାଧୁ) ଆସୁଥିଲା, ତାକୁ ଦେଖିଥିବା ଅନେକ ଲୋକ ଆଜି ବି ଜୀବିତ ଅଛନ୍ତି। ସେ ମସଜିଦ୍ ମୁବାରକର ଛାତ ତଳକୁ ଆସି ଝରକା ପାଖରେ ଡାକ ଦେଉଥିଲା, ଯାହା 'ବୈତୁଲ୍ ଫିକରର ପଶ୍ଚିମ କାନ୍ଥରେ ଅଛି । ତା'ର ଡାକ ଏହିପରି ଥିଲା ଯେ, 'ଗୁଲାମ୍ ଅହମଦ! ଗୋଟିଏ ଟଙ୍କା ନେବାର ଅଛି ଏବଂ ସେ ସେଠାରେ ଯାଇ ବସି ଯାଉଥିଲା । ହୁଜୁର୍ ଅ.ସ କୌଣସି କାମରେ ଯେତେବେଳେ ବ୍ୟସ୍ତ ରହୁଥିଲେ ଏବଂ ଆପଣଙ୍କ ଧ୍ୟାନ ସେହି କାର୍ଯ୍ୟରେ ରହୁଥିଲା ଆପଣ ଅ.ସ ତା'ର ସ୍ୱରକୁ ଯେତେବେଳେ ଶୁଣିପାରୁ ନଥିଲେ ସେତେବେଳେ ସେ ପ୍ରତ୍ୟେକ ଅଳ୍ପ ସମୟ ପରେ ପୁଣି ଡାକ ମାରିଦିଏ । ଅଧିକାଂଶ ଲୋକଙ୍କୁ ଏହା ଖରାପ ଲାଗୁଥିଲା ଯେ, ଏହି ବ୍ୟକ୍ତିଟି ଏଠାରେ ବସି ହ. ମସିହ୍ ମଉଦ ଅ.ସଙ୍କୁ କାହିଁକି ବିରକ୍ତ କରୁଛି । ଯଦି କେହି ତାକୁ ବାରଣ କରୁଥିଲା, ସେତେବେଳେ ସେ କହୁଥିଲା, 'ମୁଁ କ'ଣ ତୁମ ପାଖକୁ ଆସିଛି ? ମୁଁ ତ' ଗୁଲାମ୍ ଅହମଦ (ଅ.ସ)ଙ୍କୁ ମାଗୁଛି ।' ହୁଜୁର ଅ.ସ ଯଦି ଜାଣି ପାରୁଥିଲେ ଯେ କେହି ତାକୁ କିଛି କହିଛି, ତେବେ ଆପଣ ଅ.ସ ତାହା ନାପସନ୍ଦ କରୁଥିଲେ ଏବଂ ହସି ହସି ତାକୁ ଟଙ୍କା ଦେଇ ଦେଉଥିଲେ । ଏହା ମଧ୍ୟ ଆପଣ ଅ.ସଙ୍କର ଅଭ୍ୟାସ ଥିଲା ଯେ ଭିକ ମାଗୁଥିବା ବ୍ୟକ୍ତିକୁ ଆପଣ ଅ.ସ ଅଧିକ ସମୟ ଅପେକ୍ଷା କରାଉ ନଥିଲେ ।" **(ସିରତ୍ ହ. ମସିହ ମଉଦ୍ ଅ.ସ, ଲେଖକ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-2, ପୃଷ୍ଠା-292)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଚୌଧୁରୀ ଅବ୍‌ଦୁଲ୍ଲାଃ ଖାନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, "ଥରେ ଭ୍ରମଣରୁ ଫେରିବା ବେଳେ ଯେତେବେଳେ ହୁଜୁର୍ ଘରେ ପ୍ରବେଶ କରୁଥିଲେ ସେତେବେଳେ ଜଣେ କୌପୀନଧାରୀ (ଲଙ୍ଗୋଟି ପିନ୍ଧିଥିବା) ଦର୍‌ୱେଶ୍ (ଫକୀର) ଡାକ ଦେଲା । ସେ ଫକୀର ଥିଲା । କିଛି ଲୋକ ଏପରି ବସ୍ତ୍ର ପିନ୍ଧନ୍ତି ଯେପରିକି ସେମାନଙ୍କ ପାଖରେ କୌଣସି ବସ୍ତ୍ର ହିଁ ନାହିଁ । ଏହା ହିଁ ସେମାନଙ୍କ ପାଇଁ ତପସ୍ୟା ଓ ସାଧନା ହୋଇଥାଏ । ସେ ଯାହା ହେଉ, ସେ କୁହନ୍ତି ସେହି ଫକୀର ଡାକ ଦେଲା ଯେ, 'ଦାତା ! (ଅର୍ଥାତ୍ ଦାନ୍ ଦେଉଥିବା ପ୍ରଭୁ ଅଲ୍ଲାଃତାଲା ହିଁ ଅଟନ୍ତି) ଆପଣ କିଛି ଦିଅନ୍ତୁ । ହୁଜୁର୍ ଅ.ସ କହିଲେ, ଅଲ୍ଲାଃ ହିଁ ଦାତା ଅଟନ୍ତି । ଏହା କହି ଆପଣ ଅ.ସ ଭିତରକୁ ଚାଲିଗଲେ । ସେ ପୁଣି ଡାକ ଦେଲା ଯେ, 'ଦାତା ତ' ଅଲ୍ଲାଃ ହିଁ ଅଟନ୍ତି, ଆପଣ କିଛି ଦିଅନ୍ତୁ । ହୁଜୁର ଅ.ସ ତା' ପାଇଁ କିଛି ପଠାଇଦେଲେ ।" ସେ ଯାହାହେଉ, ଉକ୍ତ କଥାରୁ ତା'କୁ କ'ଣ ବା ଶିକ୍ଷା ମିଳିଥାଆନ୍ତା, କିନ୍ତୁ ଉକ୍ତ କଥାରୁ ଆପଣ ଅ.ସ ନିଜ ଲୋକଙ୍କୁ ଶିକ୍ଷା ଦେଇଛନ୍ତି ଯେ, ଆମମାନଙ୍କ କଥାରେ ସାମାନ୍ୟତମ 'ଶିର୍କ' (ଈଶ୍ୱରଙ୍କ ସହିତ ଅନ୍ୟ କାହାକୁ ସମକକ୍ଷ କରିବାର)ର ସନ୍ଦେହ ଓ ଝଲକ ମଧ୍ୟ ରହିବା ଉଚିତ୍ ନୁହେଁ । **(ରିୱାୟାତ୍ ଅସହାବେ ଅହମଦ, ଭାଗ-2, ପୃଷ୍ଠା-298)**

ହୁଜୁର୍ ଅ.ବ କହିଲେ, ହ. ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "ଥରେ ଜଣେ ଭିକ୍ଷୁକ ଆସିଲା । ସେ କାଦିୟାନ୍‌ରେ ଚାରିଆଡ଼େ ବୁଲିବାକୁ ଲାଗିଲା। ସେ ସକାଳେ ଉଠୁଥିଲା ଏବଂ ହ. ମୀର୍ ହାମିଦ୍ ଶାହ ସାହେବ (ସ୍ୱର୍ଗତ)ଙ୍କ କବିତା ପାଠ କରୁଥିଲା (ବୁଲିବାର ଅର୍ଥ ଗ୍ରାମରେ, ରାସ୍ତାରେ ବୁଲି ଏହି କବିତାର ପଦଗୁଡ଼ିକୁ ପଢୁଥିଲା) ।"

"ہو ناصر خدا تیرا مرے اے قادیاں والے
ہمیں بخشی اماں تُو نے ہے اے دارالاماں والے"

**ଅନୁବାଦ:** "ହେ କାଦିୟାନ୍‌ର ଅଧିବାସୀମାନେ ! ଈଶ୍ୱର ତୁମର ସହାୟକ ହୁଅନ୍ତୁ। ହେ ଶାନ୍ତିର ଆଶ୍ରୟସ୍ଥଳର ଅଧିବାସୀମାନେ ! ତୁମେ ଆମକୁ (ମୋତେ) ଆଶ୍ରୟ ଦେଇଛ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେ ଯାହାହେଉ, ସେହି ଭିକ୍ଷୁକ ଜଣକ ଏହି କବିତା "ପାଠ କରୁଥିଲା ଏବଂ ତତ୍‌ସହିତ ଆଉ କେତେବେଳେ ସେ ଏହା ମଧ୍ୟ ପଢୁଥିଲା ଯେ,

ہر طرف فکر کو دوڑا کے تھکایا ہم نے

**ଅନୁବାଦ୍:** ଅର୍ଥାତ୍ 'ଆମେ ନିଜ ଚିନ୍ତାକୁ ସବୁ ଦିଗରେ ଦଉଡ଼ାଇ ଥକିଗଲୁ... ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସେହି ଭିକ୍ଷୁକ ହ. ମସିହ ମଉଦ୍ ଅ.ସଙ୍କ କବିତା ପାଠ କରୁଥିଲା । ସମଗ୍ର କାଦିୟାନ୍‌ର ପରିକ୍ରମା କରୁଥିଲା । ଯେତେବେଳେ ସେ ହ. ମସିହ ମଉଦ୍ ଅ.ସଙ୍କର ଦ୍ୱିତୀୟ କବିତାଟି ପାଠ କରୁଥିଲା, ସେତେବେଳେ ହ. ମଖ୍‌ଦୁମୁଲ୍ ମିଲ୍ଲତ୍ ମୌଲାନା ମୌଲବୀ ଅବ୍‌ଦୁଲ୍ କରୀମ୍ ର.ଅଙ୍କୁ ଅତ୍ୟନ୍ତ ଖରାପ ଲାଗୁଥିଲା। ସେ କହୁଥିଲେ ଯେ, 'ଏହି ବ୍ୟକ୍ତି ଉକ୍ତ କବିତାର ଯୋଗ୍ୟ ବ୍ୟକ୍ତି ନୁହେଁ, କାରଣ ଏହି କବିତା ଏକ ସତ୍ୟତା ଏବଂ ଗଭୀର ଆଧ୍ୟାତ୍ମିକ ଅବସ୍ଥା ଅଟେ । ଏଥିରେ ବହୁତ ଗଭୀରତା ଅଛି ଯାହା କେବଳ ହ. ମସିହ ମଉଦ୍ ଅ.ସଙ୍କ ବ୍ୟକ୍ତିତ୍ୱରେ ହିଁ ମିଳିଥାଏ । ଏହି ଆଧ୍ୟାତ୍ମିକ ଅବସ୍ଥା ଓ ସତ୍ୟତା ଯାହା ଏହି କବିତାରେ ବର୍ଣ୍ଣନା କରାଯାଇଛି, ତାହା କୌଣସି ସାଧାରଣ ମଣିଷ ଠାରେ ହୋଇପାରିବ ନାହିଁ । ଏହି କବିତାରେ ଯାହା କିଛି ବର୍ଣ୍ଣନା କରାଯାଇଛି' ସେ କହୁଥିଲେ ଯେ, ସ୍ୱାଭିମାନ ଓ ନିଷ୍ଠା ହେତୁ ମୁଁ ଅନ୍ୟ କାହା ପାଟିରୁ ଏହା ଶୁଣି ପାରିବି ନାହିଁ । କେଉଁ କାରଣ ରହିଛି ଯେ, ଏପରି ଜଣେ ସାଧାରଣ ଭିକ୍ଷୁକ ଏହାକୁ ଗାଇ ବୁଲୁଥିବ ? ଜଣେ ସାଧାରଣ ଭିକ୍ଷୁକ ଏହିପରି କବିତା ଗାଉଥିବ ତେଣୁ ମୌଲବୀ ଅବ୍‌ଦୁଲ୍ କରୀମ୍ ସାହେବଙ୍କୁ ବହୁତ ରାଗ ଆସୁଥିଲା । ତେବେ ସେ

### ଅଲ୍ଲାଃତାଲାଙ୍କ ବାଣୀ

"ୱମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"

(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

### ଅଲ୍ଲାଃତାଲାଙ୍କ ବାଣୀ

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"

(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Bhadrak (Odisha)

ଉଲ୍ଲେଖ କରନ୍ତି: "ଏହା ତୁ ମଖ୍‌ଦୁମୁଲ୍ ମିଲ୍ଲତ୍ (ଧର୍ମ ସେବକ)ଙ୍କ ସେହି ଭଲ ପାଇବା, ଆନ୍ତରୀକତା ଓ ପ୍ରେମର ଅବସ୍ଥା ଥିଲା ଯାହା ତାଙ୍କର ହ. ମସିହ ମଉଦ ଅ.ସଙ୍କ ପ୍ରତି ରହିଥିଲା । ସେ ଯାହାହେଉ ସେହି ଭିକ୍ଷୁକ କାଦିୟାନ୍‌ରେ ପରିକ୍ରମା କଲା । ରମଜାନ୍ ମାସ ଥିଲା । ହ. ମସିହ ମଉଦ୍ ଅ.ସ ଏହି ସମୟ ମଧ୍ୟରେ ଅନେକ ଥର ତାକୁ ବହୁତ କିଛି ଦେଲେ, କିନ୍ତୁ ସେ କହୁଥିଲା 'ମୋ ପାତ୍ରକୁ ପୂର୍ଣ୍ଣ (ଭର୍ତ୍ତି) କରି ଦିଅନ୍ତୁ । ସେଥିପାଇଁ ଈଦ୍ ଦିନ ସେ ଗୋଟିଏ ବହୁତ ବଡ଼ ପାତ୍ର (ଥାଳ) ନେଇ ଆସିଲା ଏବଂ ମସ୍‌ଜିଦ୍ ଦୁଆର ସମ୍ମୁଖରେ ଚାଦର ବିଛାଇ ବସିଗଲା, ଏବଂ ଯେତେବେଳେ ହୁଜୁର ଅ.ସ ଆସିଲେ, ସେ ନିବେଦନ କଲା ଯେ 'ମୋ ପାତ୍ରକୁ ପୂର୍ଣ୍ଣ କରି ଦିଅନ୍ତୁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ସେଥିରେ (ପାତ୍ରରେ) ଗୋଟିଏ ଟଙ୍କା ପକାଇଲେ । ସେହି ଟଙ୍କାଟି ପକାଇବା ମାତ୍ରେ ଟଙ୍କା ବର୍ଷା ହେବାକୁ ଲାଗିଲା ଏବଂ ବିଭିନ୍ନ ପ୍ରକାରର ମୁଦ୍ରାରେ ତା'ର ପାତ୍ର ପୂର୍ଣ୍ଣ ହୋଇଗଲା । ଯେତେବେଳେ ହୁଜୁର ଅ.ସ ତା'ର ନିବେଦନକୁ ଶୁଣିଲେ ସେତେବେଳେ ଆପଣ ଅ.ସ ସ୍ମିତହାସ୍ୟ ପ୍ରକାଶ କଲେ ଏବଂ ସେହି ସ୍ମିତହାସ୍ୟ ଅବସ୍ଥାରେ ଆପଣ ଅ.ସ ସେହି ଟଙ୍କାଟି ପାତ୍ରରେ ପକାଇଲେ । ସେ ଯାହାହେଉ, ଆପଣ ଅ.ସଙ୍କ ଟଙ୍କା ପକାଇବା ପରେ ଆପଣଙ୍କ ଅନୁଗାମୀମାନେ ମଧ୍ୟ କିଛି ନା କିଛି ମୁଦ୍ରା (ଟଙ୍କା) ଦେଇ ତାକୁ ସାହାଯ୍ୟ କଲେ ଏବଂ ଏହିପରି ଭାବରେ ତା'ର ପାତ୍ର ପୂର୍ଣ୍ଣ ହୋଇଗଲା ।" **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-2, ପୃଷ୍ଠା-292-293)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ ଅଲୀ ସାହେବ ଇର୍ଫାନୀ ର.ଅ ଉଲ୍ଲେଖ କରନ୍ତି ଯେ, "ଯେତେବେଳେ ହୁଜୁର ଅ.ସ ଶେଷ ଥର 1905 ମସିହାରେ ଦିଲ୍ଲୀ ଗଲେ । ଦିନେ ଆପଣ ଅ.ସ ଦିଲ୍ଲୀର ମଜାର୍ (ସମାଧି) ଆଦିକୁ ଯିବା ଉଦ୍ଦେଶ୍ୟରେ ବାହାରିଲେ ସେତେବେଳେ କେହି ଜଣେ କହିଲା ଯେ, 'ହୁଜୁର ! ଏହି ବାଟରେ ଏତେ ଭିକ୍ଷୁକ ଅଛନ୍ତି ଯେ ଅତିକ୍ରମ କରିବା କଷ୍ଟକର ହୋଇ ଯାଇଥାଏ ।' ଆପଣ ଅ.ସ କହିଲେ, 'ଆଜି ଆମେ ସେହି ବାଟ ଦେଇ ଯିବା ଏବଂ ଆମେ ସମସ୍ତ ଭିକ୍ଷୁତଙ୍କୁ ଅର୍ଥ ଦାନ କରିବା। (ଅର୍ଥାତ୍ ଯେତେ ବି ଭିକ ମାଗୁଥିବା ଲୋକ ବାଟରେ ବସିଛନ୍ତି ସମସ୍ତଙ୍କୁ ଦେବା) । ଏହା ସାଧାରଣ ସଂକଳ୍ପ ଓ ସାହସ ନଥିଲା । ଆପଣ ପ୍ରକୃତରେ ଏହି ପ୍ରସଙ୍ଗ ପାଇଁ ପ୍ରସ୍ତୁତ ଥିଲେ ଯେ, ଯିଏ ବି ମାଗିବ ତାକୁ ଆପଣ ଅ.ସ ଦେବେ । ଯେତିକି ଅଧିକ ସଂଖ୍ୟାରେ ଭିକ୍ଷୁକ ଥିବା କଥା କୁହାଯାଇଥିଲା, ସେତିକି ତ' ମିଳିଲେ ନାହିଁ । କିନ୍ତୁ ଅଳ୍ପ ମିଳିଲେ ଏବଂ ପ୍ରତ୍ୟେକ ଭିକ୍ଷୁକ ବ୍ୟକ୍ତି ନିଜର ମାଗିଥିବା ଭିକ୍ଷା ପ୍ରାପ୍ୟ ଅନୁଯାୟୀ ବ୍ୟାବହାରିକ ରୂପେ ଭିକ୍ଷା ପ୍ରାପ୍ତ କଲା (ଅର୍ଥାତ୍ ଯେତେଜଣ ମିଳିଲେ ଆପଣ[ଅ.ସ] ସେତେଜଣ ଭିକ୍ଷୁକଙ୍କୁ ସାହାଯ୍ୟ କଲେ)। **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-3, ପୃଷ୍ଠା-308)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ହାଫିଜ୍ ଅମହଦୁଲ୍ଲାଃ ସାହେବ ନାଗପୁରୀ ର.ଅ କୁହନ୍ତି ଯେ, "ଦିନେ ହୁଜୁର ଅ.ସ ଗୋଲ୍ କମ୍ରା (ବୃତ୍ତାକାର କୋଠରୀ)ରେ ବିରାଜମାନ ଥିଲେ । ପ୍ରାୟ କୋଡ଼ିଏ କିମ୍ବା ପଚିଶ ଜଣ ଲୋକ ସେଠାରେ ଉପସ୍ଥିତ ଥିଲେ । ହୁଜୁର ଅ.ସ କିଛି ବକ୍ତବ୍ୟ ଦେଉଥିଲେ । ଠିକ୍ ସେତିକି ବେଳେ ଜଣେ ଫକୀର ଆସି ଜୋର୍‌ରେ ପାଟି କରି ସାହାଯ୍ୟ ମାଗିଲା । ସେ କୁହନ୍ତି, ମୋତେ ଖରାପ ଲାଗିଲା ଯେ, ଏହି ଭିକ୍ଷୁକ ହୁଜୁର ଅ.ସଙ୍କ ବକ୍ତବ୍ୟରେ ବ୍ୟାଘାତ ଓ ବାଧା ସୃଷ୍ଟି କରୁଛି । ଅର୍ଥାତ୍ ଆପଣ ଅ.ସ ଯେତେବେଳେ କଥାବାର୍ତ୍ତା କରୁଛନ୍ତି ସେତେବେଳେ ସେ ବାଧା ଦେଉଛି । ଅତଏବ୍ ମୁଁ ଦୁଆର ବନ୍ଦ୍ କରିଦେଲି (ଅର୍ଥାତ୍ ମୁଁ ଉଠି ଦୁଆର ବନ୍ଦ କରିଦେଲି) ।"ହୁଜୁର ଅ.ସଙ୍କ ନଜର ଯେତେବେଳେ ପଡ଼ିଗଲା ସେତେବେଳେ ଆପଣ ଅ.ସ ନିଜର ବକ୍ତବ୍ୟ ବନ୍ଦ୍ କରି ମୋତେ କହିଲେ, ଉଠିକି ଭିତରକୁ ଯାଅ ଏବଂ ଦୁଆରରେ ସେହି ମାଗୁଥିବା ଲୋକକୁ ଘର ଭିତରୁ କିଛି ଦେଇଦିଅ (ଅର୍ଥାତ୍ ଆପଣ କହିଲେ ଦ୍ୱାର କାହିଁକି ବନ୍ଦ କଲ? ଏବେ ହିଁ ତୁମେ ଘର ଭିତରକୁ ଯାଅ, ଭିତରେ ଡାକ ଦିଅ ଏବଂ ସେଠାରୁ କିଛି ଆଣି ଏହି ମାଗୁଥିବା ଲୋକକୁ ଦେଇଦିଅ) । ଅତଏବ୍ ଆପଣ ଅ.ସ ଘରୁ କିଛି ମଗେଇଲେ ଓ ତାକୁ ସାହାଯ୍ୟ କଲେ । ଆପଣ ଅ.ସ ଏହା ମଧ୍ୟ କହିଲେ ଯେ, ଏପରି କରିବା ଭଲ ନୁହେଁ ଯେ, ସାହାଯ୍ୟ ମାଗୁଥିବା ଲୋକର ଭିକ୍ଷା ମାଗିବା ଯୋଗୁଁ ଦୁଆର ବନ୍ଦ କରିଦେବ।

**(ସିରତେ ଅହମଦ, ଲେଖକ-କୁଦ୍‌ରତୁଲ୍ଲାଃ ସନୱରୀ ସାହେବ, ପୃଷ୍ଠା-87-88)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ବାବୁ ଗୁଲାମ୍ ମୁହମ୍ମଦ୍ ସାହେବ ର.ଅ ବର୍ଣ୍ଣନା କରନ୍ତି: "ଜଣେ 'ମିରାସୀ' (ସାରଙ୍ଗୀ ବାଦ୍ୟ ବଜାଉଥିବା ବ୍ୟକ୍ତି ବା ସଙ୍ଗୀତକାର ଭିକ୍ଷୁକ) ସାହାଯ୍ୟ ମାଗିବା ପାଇଁ ହୁଜୁର ଅ.ସଙ୍କ ଘର ଦୁଆର ପାଖରେ ପହଞ୍ଚିଲା । ହୁଜୁର୍ ଅ.ସ ତାକୁ ଗୋଟିଏ 'ଚାରି ଅଣା' ଦେଲେ । ଉପରୁ ମୀର୍ ନାସିର୍ ନୱାବ୍ ସାହେବ ର.ଅ ଚାଲି ଆସିଲେ । ହୁଜୁର ଅ.ସ ଭିତରକୁ ଚାଲି ଯାଇଥିଲେ । ମୀର୍ ସାହେବ ତାକୁ ଦେଖି ସାରଙ୍ଗୀ ବଜାଇବା ଯୋଗୁଁ ବହୁତ ଗାଳିଗୁଲଜ କଲେ ଏବଂ କହିଲେ, ଖବରଦାର ! ଯଦି କେବେ ପୁଣି ଏଠାକୁ ଆସିବ । ଦ୍ୱିତୀୟ ଦିନ ସେ ପୁଣି ଆସିଗଲା ହ. ସାହେବ ଅ.ସ ତାକୁ କିଛି ଦେବା ପାଇଁ ବାହାରକୁ ଯେତେବେଳେ ଆସିଲେ ସେତେବେଳେ ଦେଖିଲେ ଯେ ମାଗୁଥିବା ଲୋକଟି ଅଦୃଶ୍ୟ ତଥା ଅନୁପସ୍ଥିତ ଅଛି । ସେ ମୀର୍ ସାହେବଙ୍କ ଚେହେରାକୁ କେଉଁଠି ଦେଖି ନେଇଥିଲା (ଅର୍ଥାତ୍ ତାକୁ ମୀର୍ ସାହେବଙ୍କ ଗତ କାଲିର ଗାଳି ମନେଥିଲା, ତେଣୁ ସେ ସେଠାରୁ ପଳାଇ ଯାଇଛି) । ଆପଣ ଅ.ସ କୌଣସି ବ୍ୟକ୍ତିକୁ କହିଲେ ଯେ, ଯାଅ ସେହି ସାରଙ୍ଗୀ ବଜାଉଥିବା ଲୋକକୁ ଖୋଜ, ସେ କେଉଁଠି ଯାଇଛି ? କେହି ଜଣେ କହିଲା, ହୁଜୁର ! ସେ ତ' ପଳାଇ ଗଲାଣି ।' ଆପଣ କହିଲେ, ଯାଅ, ତୁମେମାନେ ମଧ୍ୟ ଦଉଡ଼ି ଯାଇ ତାକୁ ଡାକିଆଣ । ସେ ଯାହାହେଉ, ସେ ଆସିଲା ଏବଂ ମୀର୍ ସାହେବଙ୍କୁ ଦେଖି ଡରିଗଲା । ହ. ସାହେବ ଅ.ସ ମୀର୍ ସାହେବଙ୍କୁ କହିଲେ, 'ମୀର୍ ସାହେବ ! ଏହି ଗରିବ କ'ଣ କରିବ, ତାକୁ ତ' ଅନ୍ୟ କୌଣସି କାମ ଆସୁ ନାହିଁ ।" କାମ ଆସୁ ନାହିଁ, ସେ କ'ଣ କରିବ ? ତେଣୁ ସେ ସାରଙ୍ଗୀ ବଜାଉଛି (ବାଜା ବଜାଉଛି) । ଆପଣ ଅ.ସ ତାକୁ କୌଣସି କାମ ଶିଖାଇ ଦିଅନ୍ତୁ । ଏହାପରେ ସେ ଆଉ ବଜାଇବ ନାହିଁ । ତା' ପାଇଁ କୌଣସି ଜୀବିକାର ବ୍ୟବସ୍ଥା କରି ଦିଅନ୍ତୁ । ତା'ପରେ ଆପଣ ଅ.ସ ସେହି ମିରାସୀକୁ ନିରୋଳାରେ (ଏକାନ୍ତରେ) କହିଲେ 'ଯେତେଦିନ ତୁମେ ଏଠାରେ ରହିବ, ସାରଙ୍ଗୀ ବଜାଇବ ନାହିଁ । ମୀର୍ ସାହେବ ମାରିବେ । ତାଙ୍କୁ ରାଗ ଆସୁଛି, କାଳେ ସେ ତୁମକୁ ମାରିଦେବେ, ଦି ଚାପୁଡ଼ା ମାରିଦେବେ । ସେ ଯାହା ହୋଇଯାଉ ପଛେ ତୁମେ କିନ୍ତୁ ବାଜା ବଜାଇବ ନାହିଁ ଏଠାରେ । ଚୁପ୍‌ଚାପ୍ କବାଟର ଶିକୁଳି ହଲାଇଦେବ (ଘର ଦ୍ୱାରର କବାଟ ଶିକୁଳି, ଝିଞ୍ଜିର) ମୁଁ ତୁମକୁ କିଛି ନା କିଛି ଦେଇଦେବି । ସେଥିପାଇଁ ଯେତେଦିନ ଯାଏଁ ସେ କାଦିୟାନ୍‌ରେ ରହିଲା, ପ୍ରତିଦିନ ଚାରି ଅଣା ନେଇ ଯାଉଥିଲା ।"**(ରିୱାୟାତ୍ ଅସହାବେ ଅହମଦ, ଭାଗ-2, ପୃଷ୍ଠା-247)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ସୈୟଦ୍ ଫଜଲ୍ ଶାହ୍ ସାହେବ ର.ଅ ବର୍ଣ୍ଣନା କରନ୍ତି: "ଜଣେ ଫକୀର ଏହି ଅଭ୍ୟାସ ଥିଲା ଯେ ସେ ହ. ସାହେବଙ୍କ ପାଖକୁ ଆସି କେତେବେଳେ କହୁଥିଲା 'ଗୋଟିଏ ଅଣା ଦିଅନ୍ତୁ' ତ' ଆଉ କେତେବେଳେ ଆସି କହୁଥିଲା 'ଦୁଇ ଅଣା ଦଅନ୍ତୁ', ପୁନଶ୍ଚ ଆଉ କେତେବେଳେ କହୁଥିଲା 'ଆଠ ଅଣା ଦିଅନ୍ତୁ' । ସେ ସୁନିଶ୍ଚିତ ହୋଇ ମାଗୁଥିଲା । ଯଦି ହ. ସାହେବ ଅ.ସ କୌଣସି କାମ କିମ୍ବା କଥାରେ ବ୍ୟସ୍ତ ହେଉଥିଲେ ସେତେବେଳେ ସେ ବାରମ୍ବାର କହୁଥିଲା ଏବଂ ନ ନେବା ପର୍ଯ୍ୟନ୍ତ ସେ ପିଛା ଛାଡୁ ନଥିଲା । ତା'ପରେ ହ. ସାହେବ ଅ.ସ ତାକୁ ଭଲ ଭାବେ ଜାଣିଗଲେ । ଯେତେବେଳେ ସେ ଆସୁଥିଲା ଏବଂ ଯେତେ ପଇସା ମାଗୁଥିଲା, ଆପଣ ସେତିକି ପଇସା ତାକୁ ଦେଇ ଦେଉଥିଲେ ଏବଂ କହୁଥିଲେ ଯେ, 'ଏ ଭିକ୍ଷୁକ ଏତିକି ପଇସା ନ ନେବା ଯାଏଁ ଏଠାରୁ ଯିବ ନାହିଁ । ତେଣୁ ତାକୁ ସେତିକି ହିଁ ଦେଇଦିଅ ଯେତିକି ସେ ମାଗୁଛି ।"

**(ସିରତେ ଅହମଦ୍, ଲେଖକ-କୁଦ୍‌ରତୁଲ୍ଲାଃ ସନୱରୀ ସାହେବ, ପୃଷ୍ଠା-152)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ମୁଁ 1898 ମସିହାରୁ ସ୍ଥାୟୀ ଭାବେ ହୁଜୁର ଅ.ସଙ୍କ ସେବାରେ ଆସିଗଲି ଏବଂ 1892 ମସିହାରୁ କାଦିୟାନ୍ ଆସୁଥିଲି । ମୋ ସାମ୍ନାରେ ଅନେକ ଲୋକ ସାହାଯ୍ୟ ମାଗିଛନ୍ତି । ମୁଁ ହ. ମସିହ ମଉଦ୍ ଅ.ସଙ୍କୁ କେବେ ବି ଦେଖିନାହିଁ ଯେ ଆପଣ ମାଗୁଥିବା ଲୋକକୁ ତମ୍ବା ମୁଦ୍ରା (ଅର୍ଥାତ୍ ପଇସା) ଦେଇଛନ୍ତି । ଆପଣ ଅ.ସ ସର୍ବଦା ରୂପା ମୁଦ୍ରା ଦେଉଥିଲେ । ସେହି ସମୟର ମୁଦ୍ରା ପ୍ରଚଳନ ଅନୁସାରେ ତମ୍ବା ମୁଦ୍ରା ଏକ ପଇସା ଥିଲା, ଦୁଇ ପଇସା ଏବଂ ଅଧ ଅଣା ପର୍ଯ୍ୟନ୍ତ ହେଉଥିଲା । ସେହିପରି ବଡ଼ ରୂପା ମୁଦ୍ରା ଏକ ଅଣା ଏବଂ ଦୁଇ ଅଣା ଓ ଚାରି ଅଣା ହେଉଥିଲା । ଯଦିଓ ସେହି ସମୟରେ ଏକ ପଇସା ଏବଂ ଦୁଇ ପଇସାର ମଧ୍ୟ ମୂଲ୍ୟ ରହିଥିଲା, କିନ୍ତୁ ଆପଣ ଅ.ସ ଏକ ଅଣା, ଦୁଇ ଅଣା କିମ୍ବା ତା'ଠାରୁ ଅଧିକ ଦାନ ଦେଉଥିଲେ, ଯାହାକି ଏକ ଭଲ ପରିମାଣର ଟଙ୍କା ଥିଲା । ଆପଣ ଅ.ସ ସାଧାରଣତଃ ଜଣେ ସାଧାରଣ ଭିକ୍ଷୁକକୁ ମଧ୍ୟ ଗୋଟିଏ ଟଙ୍କା ଦେଇ ଦେଉଥିଲେ । ଜଣେ ଗୈର-ଅହମଦୀ (ଅଣ ଅହମଦି) ଫକୀର ଥରେ ହୁଜୁରଙ୍କ ସେବାରେ ଆସି ନିବେଦନ କଲା ଯେ 'ହୁଜୁର୍ ! ମୁଁ ଜଙ୍ଗଲରେ ଗୋଟିଏ କୂଅ ବସାଇବାକୁ (ଖନନ) କରିବାକୁ ଚାହୁଁଛି । ସେଠାରେ ପଥଚାରୀମାନଙ୍କୁ ଆରାମ୍ ପ୍ରାପ୍ତ ହେବ ଏବଂ ସେମାନେ କୂପରୁ ଜଳପାନ କରିବେ । କୁହାଯାଏ ଯେ ହୁଜୁର ଅ.ସ ତାକୁ ଏହି ଉଦ୍ଦେଶ୍ୟ ପାଇଁ ଦୁଇଶହ ଟଙ୍କା ଦେଇଦେଲେ। ଅର୍ଥାତ୍ ଲୋକମାନଙ୍କ ସେବା ପାଇଁ ତୁମେ ଏହି କାମ କରୁଛ । ଯାଅ କୂଅ ଖୋଳାଇ ଦିଅ, ମୁଁ ତୁମକୁ ଟଙ୍କା ଦେଉଛି।" **(ସିରତ୍ ହ. ମସିହ୍ ମଉଦ ଅ.ସ, ଲେଖକ ଶେଖ୍**

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### ନବୀ ସ.ଅଙ୍କ ବାଣୀ:-

"ଇଜ୍‌ତନିବୁଲ୍ ଗଜିବା"

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

**ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-3, ପୃଷ୍ଠା-308)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଆପଣ ନିଜ ସମ୍ପ୍ରଦାୟକୁ ଜନସେବାର ଯେଉଁ ଉପଦେଶ ଏବଂ ମୂଳମନ୍ତ୍ର ଦେଇଛନ୍ତି, ତା'ର ବ୍ୟାବହାରିକ ଉଦାହରଣ ନିଜେ ମଧ ହୋଇ (କରି) ଦେଖାଇଛନ୍ତି । ଅତଏବ୍ ହ. ଅବ୍‌ଦୁସ୍ ସମୀ ସାହେବ ର.ଅ, ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ବର୍ଣ୍ଣନା କରନ୍ତି ଯେ, "ମିଆଁ ଶରୀଫ୍ ଅହମଦ ସାହେବ ର.ଅଙ୍କ 'ଅକୀକା' (ଶିଶୁର ଜନ୍ମ ଉତ୍ସବ ସମୟରେ ଶିଶୁ ସନ୍ତାନର କେଶ ମୁଣ୍ଡନ କରି ଖାସି କିମ୍ବା ଛେଳୀର ଭୋଜି ଦିଆଯାଇଥାଏ) ଥିଲା ଏବଂ ଅତିଥି ଭବନରେ ସମସ୍ତ ଅତିଥିମାନେ ଖାଦ୍ୟ ଖାଉଥିଲେ। (ଆପଣ ଅ.ସଙ୍କର ତୃତୀୟ ପୁତ୍ର ଯିଏ ଜୀବିତ ପୁତ୍ରମାନଙ୍କ ମଧ୍ୟରୁ ଅନ୍ୟତମ ଥିଲେ ସେ ପରେ ମୃତ୍ୟୁବରଣ କଲେ, କିନ୍ତୁ ହ. ମିର୍ଜା ଶରୀଫ୍ ଅମହଦ ସାହେବ ଯିଏ ଦୀର୍ଘାୟୁ ହୋଇଥିଲେ, ତାଙ୍କର ଅକୀକା ଥିଲା, ଲୋକମାନେ ଖାଦ୍ୟ ଖାଉଥିଲେ। ତେବେ ହୁଜୁର ଅ.ସ ମଧ ସାଙ୍ଗରେ ସାମିଲ ଥିଲେ । ଜଣେ ଫକୀର ଅତିଥି ଭବନ ଭିତରକୁ ସାହାଯ୍ୟ ମାଗିବା ପାଇଁ ଆସିଗଲା । ଲୋକମାନେ ତାକୁ ବାହାର କରିବାକୁ ଲାଗିଲେ । ହୁଜୁର ଅ.ସ ଫକୀରକୁ ନିଜେ ଖାଦ୍ୟ ଦେଲେ ଏବଂ ଲୋକମାନଙ୍କୁ ଫକୀରକୁ ଗାଳିଗୁଲଜ ଦେବାକୁ ବାରଣ କଲେ । ଯଦି ଖାଇବାକୁ ଆସିଛି ତେବେ ତାକୁ ଧମକାଇବ ନାହିଁ କି ଭର୍ତ୍ସନା କରିବ ନାହିଁ । ଆପଣ ଅ.ସ ନିଜେ ଥାଳିରେ ଖାଦ୍ୟ ପରସି ତାକୁ ଦେଇଦେଲେ।"

**(ରିୱାୟାତ୍ ଅସ୍‌ହାବେ ଅହମଦ୍, ଭାଗ-3, ପୃଷ୍ଠା-239)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମୁନ୍‌ସୀ ଜଫର୍ ଅହମଦ ସାହେବ କପୁର ଥଲ୍‌ୱୀ ର.ଅ ବର୍ଣ୍ଣନା କରନ୍ତି: "ଥରେ ଜଣେ ମୌଲବୀ କାଦିୟାନ୍ ଆସି ହୁଜୁର ଅ.ସଙ୍କ ସହ ଯୁକ୍ତିତର୍କ କରିବାକୁ ଲାଗିଲା । ତା'ପରେ ଯେତେବେଳେ ହୁଜୁର ଅ.ସ ତାଙ୍କୁ ଉତ୍ତର ଦେବା ଆରମ୍ଭ କଲେ, ସେତେବେଳେ ନୀରବ ହୋଇଗଲା । ହ. ଇସା ଅ.ସଙ୍କ ମୃତ୍ୟୁ ଓ ଜୀବନ ସଂପର୍କରେ ଆଲୋଚନା ଥିଲା ଏବଂ ଏହା ପ୍ରାରମ୍ଭିକ ସମୟର ଘଟଣା ଅଟେ। ଆପଣ ଅ.ସ ଯେତେବେଳେ ତାକୁ ବୁଝାଇଲେ ସେତେବେଳେ ସେ ନୀରବ ରହିଲା। ଆପଣ ଅ.ସ ତାକୁ ପଚାରିଲେ ଯେ, 'ଶ୍ରୀମାନ୍ ! ଆପଣ ବୁଝିଗଲେ କି ଯେ ମୁଁ ଯେଉଁ ଯୁକ୍ତିଗୁଡ଼ିକ ଉପସ୍ଥାପିତ କରିଛି ତାହା ସଠିକ୍ ଅଟେ ? ସେ କହିଲା, 'ହଁ, ହଁ ମୁଁ ବୁଝିଗଲି', କିନ୍ତୁ ଅପର ମୁହୂର୍ତ୍ତରେ ସେ ଅତ୍ୟନ୍ତ ଅଭଦ୍ରତା ପ୍ରଦର୍ଶନ କଲା । ସେ କହିଲା, 'ମୁଁ ବୁଝିଗଲି ଯେ ଆପଣ ଦଜ୍ଜାଲ୍ ଅଟନ୍ତି ।' **ନାଉଜୁବିଲ୍ଲାଃ** । କାରଣ ଦଜ୍ଜାଲ୍‌ର ଗୁଣ ମଧ୍ୟରେ ଏହା ମଧ ଆସିଛି ଯେ, ସେ ତର୍କରେ ଅନ୍ୟମାନଙ୍କୁ ନୀରବ କରିଦେବ । ଅର୍ଥାତ୍ ନିରୁତ୍ତର କରିଦେବ । ତେଣୁ ଆପଣ ଅ.ସ ତା'ପରେ କିଛି କହିଲେ ନାହିଁ ଏବଂ ସେ ଚାଲିଗଲା । ଅମୃତସର ଯାଇ ସେ ଗୋଟିଏ ବିଜ୍ଞାପନ (ଇସ୍ତାହାର) ଛପାଇଲା ଏବଂ ସେଥିରେ ଏହି ଘଟଣା ବର୍ଣ୍ଣନା କଲା ଯେ, 'ମୁଁ ଏହି ଶବ୍ଦଗୁଡ଼ିକ କହିଥିଲି । କିନ୍ତୁ ତା' ସତ୍ତ୍ୱେ ଯେତେବେଳେ ଆପଣ ଅ.ସ ଭିତରକୁ ଚାଲିଗଲେ ସେତେବେଳେ ମୁଁ ଗୋଟିଏ ଚିଠି ପଠାଇଲି' ଯେ ମୁଁ ଅଭାବୀ ଅଟେ । ବର୍ତ୍ତମାନ ଦେଖନ୍ତୁ ଯେ, ଏଠାରେ ସେ ନିଜର ନିର୍ଲଜ୍ଜତା ନିଜେ ପ୍ରକାଶ କରୁଛି ଏବଂ ଆପଣ ଅ.ସ ଉତ୍ତମ ବ୍ୟବହାର ମଧ ଦେଖାଇଛନ୍ତି । ସେ କହୁଛି ଯେ ମୁଁ ଚିଠି ପଠାଇଲି, 'ମୁଁ ଜଣେ ଅଭାବୀ ଲୋକ, ମୋ ପ୍ରତି କିଛି ସାହାଯ୍ୟ କରାଯିବା ଉଚିତ । ଯଦିଓ ମୁଁ ଆପଣ ଅ.ସଙ୍କୁ ଅତ୍ୟନ୍ତ ଖରାପ ଶବ୍ଦ କହିଛି, କିନ୍ତୁ ଯାହା ହେଉ ମୁଁ ଅଭାବୀ, ମୋ ସହିତ ଦୟା ଆଚରଣ ପ୍ରଦର୍ଶନ କରନ୍ତୁ। ଆପଣ ଅ.ସ ତୁରନ୍ତ ୧୫ ଟଙ୍କା ପଠାଇ ଦେଲେ । ଆପଣ ଅ.ସ ଅତ୍ୟନ୍ତ ଦାନୀ ଅଟନ୍ତି । ସେ ଲେଖିଲା ଯେ, ଆପଣଙ୍କ ମୁହଁରେ କଠୋର ଶବ୍ଦ କୁହାଗଲେ ମଧ ଆପଣ ଦୁଃଖିତ ହୁଅନ୍ତି ନାହିଁ । ଆପଣ ଅ.ସ ନିଜେ ଏହି ଶେଷ ବିଷୟଟିର, ଅର୍ଥାତ୍ ୧୫ ଟଙ୍କା ପଠାଇବାର, କାହା ସାମ୍ନାରେ ଉଲ୍ଲେଖ କରି ନଥିଲେ । କିନ୍ତୁ ସେହି ବିଜ୍ଞାପନରୁ ଏହି ୧୫ ଟଙ୍କା ଦେବା କଥା ଜଣାପଡ଼ିଲା ଯେ ଆପଣ ଅ.ସ ତାର କଠୋର ଭାଷା ସତ୍ତ୍ୱେ ତାକୁ ୧୫ ଟଙ୍କା ପଠାଇଥିଲେ ।

**(ରିୱାୟାତ୍ ଅସ୍‌ହାବେ ଅହମଦ୍, ଭାଗ-4, ପୃଷ୍ଠା-216)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. କାଜୀ ଅବ୍‌ଦୁଲ ଗଫୁର୍ ସାହେବ ର.ଅ ବର୍ଣ୍ଣନା କରନ୍ତି: "1906 ମସିହାରେ ମୁଁ ମଧ ମୋର ବଡ଼ ଭାଇ ହାଫିଜ୍ ମୁରାଦ୍ ବକ୍ସ ସାହେବଙ୍କ ସହିତ ରାୱଲପିଣ୍ଡିରୁ କାଦିୟାନ୍ ଯାଇଥିଲି । ହୁଜୁର ଅ.ସ ମସ୍‌ଜିଦ୍ ମୁବାରକର ପାହାଚରୁ ଓହ୍ଲାଉଥିଲେ, ଏହି ସମୟରେ ଜଣେ ବ୍ୟକ୍ତି, ସମ୍ଭବତଃ ହକିମ୍ ଶାହ୍ ନୱାଜ୍ ସାହେବ (ନିବାସୀ: ରାୱଲପିଣ୍ଡି) ହୁଜୁର ଅ.ସଙ୍କୁ 17 ପାଉଣ୍ଡର ଗୋଟିଏ ମୁଣି ଉପହାର ସ୍ୱରୂପ ଦେଲେ । ହୁଜୁର ଅ.ସ ସେହି ମୁଣିଟି ନେଇ ପକେଟରେ ରଖିଦେଲେ । ତଳେ ଜଣେ ଭିକ୍ଷୁକ ଛିଡ଼ା ହୋଇଥିଲା, ସେ ସାହାଯ୍ୟ ଅର୍ଥାତ୍ ଭିକ୍ଷା ମାଗିଲା । ହୁଜୁର୍ ଅ.ସ ସେହି ମୁଣିଟି ପକେଟରୁ ବାହାର କରି ତା' ହାତରେ ରଖିଦେଲେ । ହକିମ୍ ସାହେବ ଯେତେବେଳେ ହୁଜୁର ଅ.ସଙ୍କୁ ଏପରି କରିବାର ଦେଖିଲେ ସେତେବେଳେ ସେ ନିବେଦନ କଲେ ଯେ, ହୁଜୁର ! ଏହି ମୁଣିରେ 17 ପାଉଣ୍ଡ ଥିଲା । ଆପଣ ଅ.ସ କହିଲେ, 'ଏହା ତାହାର ହିଁ ଥିଲା, ତା' ପାଖକୁ ପହଞ୍ଚିଗଲା ।' ତା'ପରେ ଆପଣ ଅ.ସ ନୀରବ ରହିଲେ । ସେହି ସମୟରେ ମଧ ଏକ ପାଉଣ୍ଡ୍‌ର ବହୁତ ମୂଲ୍ୟ ଥିଲା । ଭାରତୀୟ ମୁଦ୍ରା ହିସାବରେ ଏକ ପାଉଣ୍ଡ 15 ଟଙ୍କା ହେଉଥିଲା । ଅର୍ଥାତ୍ ସେହି ସମୟରେ ଏହା ବହୁତ ବଡ଼ ଅର୍ଥ ରାଶି ଥିଲା । ମୋଟ୍ ଅର୍ଥରାଶି 255 (ଦୁଇ ଶହ ପଞ୍ଚାବନ) ଟଙ୍କା ହେଉଥିଲା । ଅପରପକ୍ଷେ ସେହି ସମୟରେ ଦୁଇ ପଇସାରେ ରୁଟି ଓ ଖାଦ୍ୟ ମିଳି ଯାଉଥିଲା ।

**(ରିୱାୟାତ୍ ଅସ୍‌ହାବେ୍ ଅହମଦ, ଭାଗ-4, ପୃଷ୍ଠା-209)**

ହ. ଶେଖ୍ ୟାକୁବ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "ଦାନ ଓ ସାହାଯ୍ୟ କରିବା ଆପଣ ଅ.ସଙ୍କ ଅଭ୍ୟାସ ଥିଲା ଏବଂ ସାଧାରଣତଃ ଆପଣ ଅ.ସଙ୍କ ଏହି ଅଭ୍ୟାସ ଥିଲା ଯେ ଆପଣ ଅ.ସ 1/10 ଅଂଶ ଦାନ କରି ଦେଉଥିଲ। ଏଥି ସଂକ୍ରାନ୍ତରେ ସମ୍ବନ୍ଧରେ ହ. ଉମ୍ମୁଲ ମୁମିନିନ୍ ର.ଅଙ୍କର ଏକ ବର୍ଣ୍ଣନା ହ. ସାହେବଜାଦା ମିର୍ଜା ବଶୀର ଅହମଦ ସାହେବ ର.ଅ ବର୍ଣ୍ଣନା କରିଛନ୍ତି । ସେ ଉଲ୍ଲେଖ କରନ୍ତି ଯେ ମୋତେ ମାତାଶ୍ରୀ ର.ଅ ବର୍ଣ୍ଣନା କଲେ ଯେ, ହ. ମସିହ୍ ମଉଦ୍ ଅ.ସ ବହୁତ ଦାନ ଧର୍ମ କରୁଥିଲେ ଏବଂ ସାଧାରଣତଃ ଏପରି ଗୁପ୍ତ ଭାବରେ ଦାନ ଦେଉଥିଲେ ଯେ ଆମକୁ ଜଣାପଡୁ ନଥିଲା । ଅର୍ଥାତ୍ ଆମେମାନେ ମଧ ଜାଣିବାକୁ ପାଉ ନଥିଲୁ । ମୁଁ ପଚାରିଲି ଯେ, ହେ ମାତାଶ୍ରୀ ! ପିତାଶ୍ରୀ କେତେ ଦାନ କରୁଥିଲେ ? ତେବେ ପ୍ରତ୍ୟୁତ୍ତରରେ ମତାଶ୍ରୀ କହିଲେ, ପିତାଶ୍ରୀ ମହୋଦୟ ବହୁତ ଦାନ ଦେଉଥିଲେ ଏବଂ ଶେଷ ଦିନଗୁଡ଼ିକରେ ଯେତିକି ଟଙ୍କା ଆସୁଥିଲା, ତାହାର ଦଶମାଂଶ ଅଂଶ ଦାନ ପାଇଁ ପୃଥକ୍ କରି ଦେଉଥିଲେ ଏବଂ ସେହିଥିରୁ ହିଁ ଦେଉଥିଲେ । ମତାଶ୍ରୀ ବର୍ଣ୍ଣନା କଲେ ଯେ ଏହାର ଅର୍ଥ ଏହା ନୁହେଁ ଯେ ଦଶମାଂଶ ଭାଗରୁ ଅଧିକ ଦେଉ ନଥିଲେ । ନା ବରଂ ଆପଣ ଅ.ସ କହୁଥିଲେ ଯେ କେତେକ ସମୟରେ ଖର୍ଚ୍ଚ ଅଧିକ ହୋଇ ଯାଇଥାଏ। ଅନ୍ୟାନ୍ୟ ଖର୍ଚ୍ଚ ମଧ ରହିଛି, ଅତିଥିମାନେ ଆସୁଛନ୍ତି, ଲଙ୍ଗରଖାନାର ଖର୍ଚ୍ଚ ରହିଛି ଏବଂ ଅନ୍ୟାନ୍ୟ ଖର୍ଚ୍ଚ ରହିଛି, ତେଣୁ ମଣିଷ ଦାନ କରିବାରେ ଅବହେଳା କରି ଦେଇଥାଏ। କିନ୍ତୁ ଯଦି ଦାନର ଟଙ୍କା ପୂର୍ବରୁ ଅଲଗା କରିଦିଆଯାଏ ତେବେ ଆଉ ଅବହେଳା ହୁଏ ନାହିଁ । କାରଣ ସେହି ଟଙ୍କା ଅନ୍ୟ କୌଣସି କାର୍ଯ୍ୟରେ ବ୍ୟବହୃତ ହୋଇପାରିବ ନାହିଁ। ମତାଶ୍ରୀ କହିଲେ, ଯେ ଏହି ଉଦ୍ଦେଶ୍ୟରେ ଆପଣ ଅ.ସ ସମସ୍ତ ଆୟର ଦଶମାଂଶ ଭାଗ ପୃଥକ୍ କରି ଦେଉଥିଲେ । ନଚେତ୍ ଦେବା ପାଇଁ ତ' ଏହାଠାରୁ ବି ଅଧିକ ଦେଉଥିଲେ । ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ମୁଁ ମତାଶ୍ରୀଙ୍କୁ ପଚାରିଲି ଯେ, ମାତାଶ୍ରୀ ଆପଣ ଅ.ସ ଦାନ ଦେବାରେ ଅହମଦି କିମ୍ବା ଗୈର-ଅହମଦିର ଧ୍ୟାନ ରଖୁଥିଲେ ? ତେବେ ପ୍ରତ୍ୟୁତ୍ତରରେ ମତାଶ୍ରୀ କହିଲେ ଯେ: ନାହିଁ ! କେବେ ଏହି ମନୋଭାବ ତୁମ ପିତାଶ୍ରୀ ରଖି (ପୋଷଣ କରି) ନାହାନ୍ତି ଯେ କିଏ ଅହମଦୀ ଏବଂ କିଏ ଗୈର-ଅହମଦୀ (ଅଣ ଅହମଦି) । ଯଦି କେହି ଅଭାବୀ ତଥା ଦିରଦ୍ର ଅଟେ ତେବେ ତାକୁ ଦେଇ ଦିଅ । **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ, ଭାଗ-2, ପୃଷ୍ଠା-291)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "ଯେପରିକି ଆପଣ ଅ.ସଙ୍କର ଅଭ୍ୟାସ ଥିଲା ଯେ, ଆପଣ ଅ.ସ ଭିକ୍ଷୁକକୁ କେବେ ଶୂନ୍ୟ ହସ୍ତ (ଖାଲି ହାତରେ) ଫେରାଉ ନଥିଲେ ଏବଂ ଯେପରି ନ ମାଗି ମଧ ଆପଣ ଅ.ସ ଅଭାବୀ ଲୋକଙ୍କୁ ସାହାଯ୍ୟ କରୁଥିଲେ, ସେହିପରି ଏହା ମଧ ଆପଣ ଅ.ସଙ୍କର ପବିତ୍ର ଅଭ୍ୟାସ ଥିଲା ଯେ, ଆପଣ ଅ.ସ ଆବଶ୍ୟକତାର ସୂକ୍ଷ୍ମାତିସୂକ୍ଷ୍ମ ସଙ୍କେତକୁ ମଧ ଭଲ ଭାବରେ ବୁଝି ପାରୁଥିଲେ ଏବଂ ଏପରି ସମୟରେ ମଧ ନିଜର ବଦାନ୍ୟତା ଏବଂ ଉଦାରତା ମୁକ୍ତ ହସ୍ତତା ପ୍ରଦର୍ଶନ କରୁଥିଲେ ।"ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସାହେବଜାଦା ସିରାଜୁଲ ହକ୍ ସାହେବ ର.ଅଙ୍କ ବର୍ଣ୍ଣନା ରହିଛି ଯେ, ଥରେ ଜଣେ ବ୍ୟକ୍ତି ଆପଣ ଅ.ସ ନିକଟକୁ ଗୋଟିଏ ସୁନ୍ଦର ଟୋପି ପଠାଇଲେ। ଯେତେବେଳେ ଏହି ପାର୍ସଲ ହୁଜୁର ଅ.ସଙ୍କ ସେବାରେ ପହଞ୍ଚିଲା, ସେତେବେଳେ ସଂଯୋଗବଶତଃ (ଦୈବାତ୍) ଜଣେ ହିନ୍ଦୁ ବ୍ୟକ୍ତି ମଧ ପାଖରେ ଉପସ୍ଥିତ ଥିଲେ । ଆପଣ ଅ.ସ ପାର୍ସଲ ଯେତେବେଳେ ଖୋଲିଲେ ସେତେବେଳେ ସେଥିରୁ ଟୋପି ବାହାରିଲା। ସେହି ହିନ୍ଦୁ ବ୍ୟକ୍ତି ଜଣକ ସେହି ଟୋପିର ବହୁତ ପ୍ରଶଂସା କଲା । ଆପଣ ଅ.ସ ଯେତେବେଳେ ତାଙ୍କ ମୁହଁରୁ ଟୋପିର ପ୍ରଶଂସା ଶୁଣିଲେ ସେତେବେଳେ ଆପଣ ଅ.ସ ତୁରନ୍ତ ସେହି ଟୋପି ତାଙ୍କୁ ଦେଇଦେଲେ । **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-2, ପୃଷ୍ଠା-290)** ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ.ମୁନ୍‌ସୀ ଜଫର୍ ଅହମଦ ସାହେବ କପୁରଥଲ୍‌ୱୀ ର.ଅ ବର୍ଣ୍ଣନା କରନ୍ତି ଯେ, "ହାଜୀ ହୁସୈନ୍ ସାହେବ ନାମକ ଜଣେ ଅହମଦି ବ୍ୟକ୍ତି ଥିଲେ, ସେ ହଜ୍ କରି ଆସିଥିଲେ ଏବଂ ଅସଲି ମୋତିର

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan
Khan, Jamat Ahmadiya Nargaon,
Dist- Cuttack, (Odisha)

ଗୋଟିଏ ଜପମାଳି (ତସବିହ୍) ଉପହାର ସ୍ୱରୂପ ହୁଜୁର ଅ.ସଙ୍କ ସେବାରେ ଉପସ୍ଥାପିତ କଲେ । ଅସଲି ମୋତିର ଜପମାଳି ଥିଲା । ସେହି ସମୟରେ ମୁଁ ଏବଂ ସିଆଲ୍‌କୋଟର ଜଣେ ବନ୍ଧୁ ହୁଜୁର୍ ଅ.ସଙ୍କ ସେବାରେ ଉପସ୍ଥିତ ଥିଲୁ । ଆମ ସାମ୍ନାରେ ହାଜୀ ହୁସୈନ ସାହେବ ଜପମାଳିଟି ହୁଜୁର ଅ.ସଙ୍କୁ ଦେଲେ । ହୁଜୁର ଅ.ସ **ଯଜାକଲ୍ଲାଃ** (ଅଲ୍ଲାଃତାଲା ତୁମକୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ) କହିଲେ । ସେହି ଜପମାଳିଟି ବହୁତ ସୁନ୍ଦର ଥିଲା । ସେ କହନ୍ତି, "ମୁଁ ମନରେ ଭାବିଲି ଯେ ସେ ଚାଲିଯିବା ପରେ ମୁଁ ଏହି ଜପମାଳିଟି ନେଇନେବି । ସେହିପରି ସିଆଲକୋଟ୍‌ର ବନ୍ଧୁ ଜଣକ ମଧ୍ୟ ଏହି ମନସ୍ଥ କରିଥିଲେ ଯେ , ଯେତେବେଳେ ହାଜୀ ହୁସୈନ ସାହେବ ଚାଲିଯିବେ ମୁଁ ନେଇ ନେବି। ଅତଏବ୍ ହାଜି ହୁସୈନ୍ ସାହବେ ଚାଲିଗଲେ ସେତେବେଳେ ସିଆଲକୋଟ୍‌ର ବନ୍ଧୁ ଜଣକ ନିବେଦନ କଲେ ଯେ, 'ହୁଜୁର ! ଏହି ଜପମାଳିଟି ବହୁତ ସୁନ୍ଦର ଦେଖାଯାଉଛି। ଆପଣ ଅ.ସ କହିଲେ, ମହୋଦୟ ! 'ଯଦି ଆପଣଙ୍କୁ ପସନ୍ଦ ଅଛି, ତେବେ ଆପଣ ନେଇ ଯାଆନ୍ତୁ । ସୁତରାଂ ହୁଜୁର୍ ଅ.ସ ଜପମାଳିଟି ତାଙ୍କୁ ଦେଇଦେଲେ । ମୁଁ ନିବେଦନ କଲି, 'ହୁଜୁର ! ଏହାକୁ ନେବା ପାଇଁ ମୋର ମଧ୍ୟ ଇଚ୍ଛା ଥିଲା । ତେବେ ଆପଣ ଅ.ସ କହିଲେ, 'ଆପଣ ଦୁଇଜଣ ଅଧା ଅଧା କରିନିଅନ୍ତୁ।' ପରେ ସିଆଲକୋଟ୍‌ର ବନ୍ଧୁ ଜଣକ ମୋତେ କହିଲେ ଯେ, 'ଜପମାଳିରେ ଶହେଟି ଦାନା ଥାଏ ତେଣୁ ଏହାକୁ ମୋ ପାଖରେ ହିଁ ରହିବାକୁ ଦିଅନ୍ତୁ। ମୁଁ କହିଲି, 'ଠିକ୍ ଅଛି, ଆପଣ ହିଁ ରଖି ନିଅନ୍ତୁ । ତା'ପରେ ସେ ତାଙ୍କୁ ଦେଇଦେଲେ । **(ରିୱାୟାତ୍ ଅସ୍‌ହାବେ ଅହମଦ୍, ଭାଗ-4, ପୃଷ୍ଠା-215, ଉର୍ଦ୍ଦୁ ଅଭିଧାନ, ଗ୍ରନ୍ଥଖଣ୍ଡ-11, ପୃ-545)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ହକିମ୍ ଅଲ୍ଲାଃ ଦତ୍ତା ସାହେବ ର.ଅ ବର୍ଣ୍ଣନା କରନ୍ତି: "ସର୍‌ଫରାଜ୍ ଖାନ୍ ସାହେବ ବର୍ଣ୍ଣନା କଲେ ଯେ, ଆମେମାନେ ଜଲ୍‌ସାକୁ ଆସିଥିଲୁ ଏବଂ ହୁଜୁର ଅ.ସଙ୍କୁ କେହି ଜଣେ ଗୋଟିଏ ଘୋଡ଼ୀ (ଘୋଡ଼ାର ସ୍ତ୍ରୀ ଲିଙ୍ଗ ବା ମାଈ ଘୋଡ଼ା) ଉପହାର ଦେଇଥିଲା । ସର୍‌ଫରାଜ୍ ସାହେବ କହିଲେ ଯେ, ମୋ ମନକୁ ଏହି କଥା ଆସିଲା ଯେ, ଏହି ଘୋଡ଼ାଟି ମୋତେ ମିଳିଯାଆନ୍ତା କି ଏବଂ ମୁଁ ଏହାକୁ ନେଇଯାଇ କୁହନ୍ତି ଯେ ମୁଁ ମସିହଙ୍କ ଘୋଡ଼ା ନେଇ ଆସିଛି ।" ସବାରୀ (ଆରୋହଣ ହେବା ପାଇଁ) ସେହି ଘୋଡ଼ାଟି ଏକ ଭଲ ପ୍ରଜାତିର ଘୋଡ଼ା ଥିଲା । ଯେତେବେଳେ ଜଲ୍‌ସା ଶେଷ ହେଲା, ମୁଁ ନିବେଦନ କଲି ଯେ, 'ହୁଜୁର ! ମୁଁ ଫେରିବାକୁ ଚାହୁଁଛି । ସେତେବେଳେ ହୁଜୁର ଅ.ସ କହିଲେ, ରୁହ । ତୃତୀୟ ଦିନ ମୁଁ ପୁଣି ସେହିପରି କହିଲି, ତେବେ ହୁଜୁର ଅ.ସ କହିଲେ, 'ଚୌଧୁରୀ ସାହେବ ! ଏହି ଘୋଡ଼ାଟି ଆପଣ ନେଇ ଯାଆନ୍ତୁ । ମୁଁ ନିବେଦନ କଲି ଯେ, ହୁଜୁର ! ଏହି ଘୋଡ଼ାର ମୂଲ୍ୟ କେତେ ? ଆପଣ ଅ.ସ କହିଲେ, "ଏହାକୁ ଘାସ ଏବଂ ଦାନା ଦିଅନ୍ତୁ ଏବଂ ଏହା ଉପରେ ଆରୋହଣ ହୁଅନ୍ତୁ ଅର୍ଥାତ୍ ଚଢ଼ନ୍ତୁ, ବସନ୍ତୁ । ଏହାର ଏହା ହିଁ ମୂଲ୍ୟ ଅଟେ ।" କୌଣସି ମୂଲ୍ୟ ନାହିଁ, ନିଃଶୁଳ୍କ ନେଇଯାଆନ୍ତୁ ଏବଂ ଏହା ଉପରେ ସବାରୀ କରନ୍ତୁ ।

**(ରିୱାୟାତ୍ ଅସ୍‌ହାବେ ଅହମଦ୍, ଭାଗ-1, ପୃଷ୍ଠା-110)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମଲକ୍ ଗୁଲାମ୍ ହୁସୈନ୍ ସାହେବ ର.ଅ ବର୍ଣ୍ଣନା କରନ୍ତି: "ମୌଲବୀ ଅବ୍‌ଦୁର ରହମାନ୍ ସାହେବ ଶହୀଦ୍ ର.ଅ ଆଫ୍‌ଗାନିସ୍ତାନରୁ ଆସିଲେ । ସେ ହୁଜୁର ଅ.ସଙ୍କ ସହିତ ସାକ୍ଷାତ୍ କରିବାକୁ ଚାହିଁଲେ...ସେତେବେଳେ ସେ ଅନେକ ଜିନିଷ ଆଣିଥିଲେ । ଗୋଟିଏ ପଶମ ବା ଚମଡ଼ାର ଗରମ ପୋଷାକ ମଧ୍ୟ ଆଣିଥିଲେ । ମୁଁ ଖବର ଦେଲି । ହ. ସାହେବ ଅ.ସ ମୋତେ ଭିତରକୁ ଡାକିନେଲେ। ସେ ସେହି ଜିନିଷଗୁଡ଼ିକ ଏବଂ ବସ୍ତ୍ରଟିକୁ ହୁଜୁର ଅ.ସଙ୍କ ସେବାରେ ଉପସ୍ଥାପନ କଲେ। ହ. ସାହେବ ଅ.ସ ବହୁତ ଖୁସି ବ୍ୟକ୍ତ କଲେ ଏବଂ କହିଲେ, 'ମୌଲବୀ ସାହେବ ! ଆପଣ ବହୁତ କଷ୍ଟ କଲେ । ସେ କହିଲେ, ହୁଜୁର ! ଏହି ପୋଷାକ ମୁଁ ହୁଜୁର ଅ.ସଙ୍କ ପାଇଁ ଆଣିଛି ଏବଂ ମୋର ମନ ଚାହୁଁଛି (ଇଚ୍ଛା) ଯେ ହୁଜୁର ଅ.ସ ମୋ ସାମ୍ନାରେ ହିଁ ଏହାକୁ ପିନ୍ଧନ୍ତୁ । ହ. ସାହେବ ଅ.ସ ଛିଡ଼ା ହୋଇଗଲେ ଏବଂ ପିନ୍ଧିଲେ । ତାହା ଗୋଡ଼ର ଗୋଇଠି ପର୍ଯ୍ୟନ୍ତ ହେଉଥିଲା । ସନ୍ଧ୍ୟା ବେଳେ ଖାଇବା ସମୟରେ ଖ୍ୱାଜା କମାଲୁଦ୍ଦୀନ ସାହେବ କହିଲେ ଯେ, 'ହୁଜୁର ! ମୌଲବୀ ଅବ୍‌ଦୁର ରହମାନ୍ ସାହେବ ଗୋଟିଏ ପୋଷାକ ଆଣିଛନ୍ତି । ତାହା ଅତ୍ୟନ୍ତ ମୂଲ୍ୟବାନ୍, ଗରମ ଏବଂ ଅତ୍ୟନ୍ତ ଉଚ୍ଚମାନର ପ୍ରସ୍ତୁତ ହୋଇଛି... ।" ଖ୍ୱାଜା ସାହେବ ଏହି ପୋଷାକ ପୂର୍ବରୁ ହିଁ ଦେଖି ସାରିଥିଲେ । ହୁଜୁର ଅ.ସ କହିଲେ, 'ଖ୍ୱାଜା ସାହେବ ! ଆପଣଙ୍କୁ ଯଦି ଏହି ପୋଷାକ ବହୁତ ପସନ୍ଦ ତେବେ ଆପଣ ହିଁ ଏହାକୁ ନେଇ ଯାଆନ୍ତୁ । ସେ କହିଲେ ହୁଜୁର ! ଆପଣ ଅ.ସଙ୍କର ବହୁତ ଦୟା । ତେଣୁ ହୁଜୁର ଅ.ସ ସେହି ପୋଷାକ ଖ୍ୱାଜା ସାହେବଙ୍କୁ ଦେଇଦେଲେ ।"

**(ରିୱାୟାତ୍ ଅସ୍‌ହାବେ ଅହମଦ, ଭାଗ-4, ପୃଷ୍ଠା-14-15)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ ଅଲୀ ଇର୍ଫାନୀ ସାହେବ ର.ଅ କୁହନ୍ତି ଯେ: "ହାଫିଜ୍ ନୁର ଅହମଦ୍ ସାହେବ (ପଶ୍ମିନା ବ୍ୟବସାୟୀ, ଲୁଧିଆନା) ହ. ମସିହ୍ ମଉଦ୍ ଅ.ସ ପୁରୁଣା ଏବଂ ନିଷ୍ଠାପର ସେବକମାନଙ୍କ ମଧ୍ୟରୁ ଅନ୍ୟତମ ସେବକ ଥିଲେ । ପଶ୍ମିନା ହେଉଛି ଗୋଟିଏ ପ୍ରକାରର ପଶମ କପଡ଼ା । ସେ ପଶମ କପଡ଼ାର (ବସ୍ତ୍ରର) ବ୍ୟବସାୟ କରୁଥିଲେ ଏବଂ ଆପଣ ଅ.ସଙ୍କ ନିଷ୍ଠାପର ସେବକ ଥିଲେ । ତାଙ୍କୁ ନିଜ ବ୍ୟବସାୟରେ ଥରେ ଘୋର କ୍ଷତି ସହିବାକୁ ପଡ଼ିଲା ଏବଂ ବ୍ୟବସାୟ ପ୍ରାୟ ବନ୍ଦ ହୋଇଗଲା । ସେ ଚାହିଁଲେ ଯେ ଅନ୍ୟ କୌଣସି ସ୍ଥାନକୁ ଚାଲିଯିବେ ଏବଂ ଅନ୍ୟ କିଛି ବ୍ୟବସାୟ କରିବେ ଯାହାଫଳରେ ନିଜର ଆର୍ଥିକ ଅବସ୍ଥା (ସ୍ଥିତି)କୁ ସୁଧାରି ପାରିବେ । ହ. ମସିହ୍ ମଉଦ୍ ଅ.ସଙ୍କ ଜୀବନକାଳ ମଧ୍ୟରେ ସେ ନିୟମିତ ଚିଠିପତ୍ର ଲେଖୁଥିଲେ ଏବଂ ଜମାଆତ୍‌ର ଆର୍ଥିକ ସେବା ନିଜ ସାମର୍ଥ୍ୟ ଠାରୁ ଅଧିକ କରୁଥିଲେ । ସେ କୁହନ୍ତି ଯେ, ହ. ମସିହ୍ ମଉଦ୍ ଅ.ସ ଦାନ, ଉଦାରତା ଏବଂ ଦୟାଳୁତା ବିଷୟରେ ମୁଁ ଗୋଟିଏ କଥା ହିଁ କହିବି ଯେ ଆପଣ ଅ.ସ କମ୍ ଦେବା ଜାଣି ହିଁ ନଥିଲେ । ନିଜର ବ୍ୟକ୍ତିଗତ ଘଟଣା ବର୍ଣ୍ଣନା କରି ସେ କହିଲେ ଯେ, 'ଯେତେବେଳେ ମୋର ବ୍ୟବସାୟ ଖରାପ ହୋଇଗଲା ଏବଂ ମୁଁ ଏହି ଯାତ୍ରା କରିବାର ନିଷ୍ପତ୍ତି ନେଲି' (ଅନ୍ୟ ସ୍ଥାନକୁ ଯାଇ ବ୍ୟବସାୟ କରିବା ପାଇଁ) 'ତେବେ ମୁଁ ହ. ମସିହ୍ ମଉଦ୍ ଅ.ସଙ୍କ ପାଖରୁ କିଛି ଟଙ୍କା ମାଗିଲି' ଯେ, ହୁଜୁର୍! ମୋତେ କିଛି ଋଣ ଦିଅନ୍ତୁ ଯେପରି ମୁଁ ବ୍ୟବସାୟ ଆରମ୍ଭ କରିପାରିବି । ହୁଜୁର ଅ.ସ ଗୋଟିଏ ବାକ୍ସ, ଯେଉଁଥିରେ ଟଙ୍କା ରଖୁଥିଲେ, ତାହା ଉଠାଇ ଆଣିଲେ ଏବଂ ମୋ ସାମ୍ନାରେ ସେହି ବାକ୍ସଟିକୁ ହିଁ ରଖିଦେଲେ ଯେ, ଯେତିକି ଚାହୁଁଛନ୍ତି ନେଇଯାଆନ୍ତୁ । ହୁଜୁର ଅ.ସ ବହୁତ ଖୁସି ଥିଲେ । ଅତଏବ୍ ମୁଁ ମୋର ଆବଶ୍ୟକତା ଅନୁସାରେ ଟଙ୍କା ନେଲି, ଯଦିଓ ହୁଜୁର ଅ.ସ ଏହା ହିଁ କହୁଥିଲେ ଯେ ସମ୍ପୂର୍ଣ୍ଣ ବାକ୍ସଟି ନେଇ ଯାଆନ୍ତୁ । ଅସଲ କଥା ହେଉଛି, ବନ୍ଧୁମାନଙ୍କ ସହିତ ଆପଣ ଅ.ସଙ୍କ ବ୍ୟବହାର ସଂପୂର୍ଣ୍ଣ ଭିନ୍ନ ଥିଲା । ହୁଜୁର୍ ଅ.ସ ନିଜର ସମ୍ପତ୍ତିକୁ ବନ୍ଧୁମାନଙ୍କ ସମ୍ପତ୍ତି ବୋଲି ବାସ୍ତବରେ ମନେ କରୁଥିଲେ । ଏ ସଂପର୍କରେ ଯଦି କୌଣସି ସେବକ ଆପଣା ପଣ ଭୁଲି ପରପଣ ଭାବ ଦେଖାଉଥିଲା ତେବେ ଆପଣ ଅ.ସଙ୍କୁ ବହୁତ କଷ୍ଟ ହେଉଥିଲା ।" **(ସିରତ୍ ହ. ମସିହ୍ ମଉଦ ଅ.ସ, ଲେଖକ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-3, ପୃଷ୍ଠା-306-307, ଫିରୋଜୁଲ୍ ଲୁଗାତ୍, ପୃ-298, ଲୁଗାତୁଲ୍ ଫାର୍ସି, ପୃ-363, ଦାରେ ଉମର୍ ଫାରୁକ୍)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ ଅଲୀ ଇର୍ଫାନୀ ସାହେବ ର.ଅ କୁହନ୍ତି: "ଶେଖ୍ ମୁହମ୍ମଦ ଇସ୍‌ମାଇଲ୍ ସାହେବ ସରସାବୀ ର.ଅ ମୋର 32 (ବତ୍ରିଶି) ବର୍ଷର ନିଷ୍ଠାପର ବନ୍ଧୁ ଓ ଭାଇ ଏବଂ ହ. ମସିହ୍ ମଉଦ୍ ଅ.ସଙ୍କ ପୁରାତନ ସେବକ ଅଟନ୍ତି। ପ୍ରାରମ୍ଭରୁ ହିଁ ତାଙ୍କର ସ୍ୱଭାବ ସୁଫୀ ତଥା ସାଧୁ ପ୍ରକୃତିର ଥିଲା ଏବଂ ସଜ୍ଜନ ଲୋକଙ୍କ ସଙ୍ଗତର ସାଧୁ ଥିଲା । ମଦ୍ରାସା ତାଲିମୁଲ୍ ଇସ୍‌ଲାମ୍‌ରେ ଆରମ୍ଭରୁ ଆଜି ପର୍ଯ୍ୟନ୍ତ ସେ ଅଧ୍ୟାପକ (ଶିକ୍ଷକ) ଅଛନ୍ତି । ପ୍ରାରମ୍ଭିକ ଦିନମାନଙ୍କରେ ସେ ହିଁ ଅତିଥିମାନଙ୍କୁ ଖାଦ୍ୟ ଇତ୍ୟାଦି ଖୁଆଉଥିଲେ । ଅର୍ଥାତ୍ ତାଙ୍କୁ 'ନାଜିର୍ ଜିୟାଫତ୍' (ଅତିଥି ସତ୍କାର ପ୍ରବନ୍ଧକ) କୁହାଯାଇପାରେ । ସେ ଯେବେଠାରୁ ଏଠାକୁ ଆସିଲେ, ହ. ମସିହ୍ ମଉଦ୍ ଅ.ସ ବିଶେଷ ଭାବେ ତାଙ୍କର ଯତ୍ନ ନେଉଥିଲେ ଏବଂ ତାଙ୍କର ଆବଶ୍ୟକତାଗୁଡ଼ିକର ଦାୟିତ୍ୱ ନିଜେ ବହନ କରୁଥିଲେ । ଅର୍ଥାତ୍ ସମସ୍ତ ଦାୟିତ୍ୱ ଆପଣ ଅ.ସ ନିଜେ ବହନ କରୁଥିଲେ (ବହନ କରୁଥିଲେ) । ଆପଣ ଅ.ସ ତାଙ୍କ ସାମଗ୍ରୀର ଜାମିନ୍ (ପ୍ରତିଭୂ) ଥିଲେ । ତାଙ୍କର ଆବଶ୍ୟକତାଗୁଡ଼ିକୁ ପୂରଣ କରୁଥିଲେ । "ଥରେ ହ. ନାନା ଜାନ୍ (ସ୍ୱର୍ଗତ ହ. ମୀର୍ ନାସିର୍ ନୱାବ୍ ସାହେବ ର.ଅ) ଶେଖ୍ ସାହେବଙ୍କ ଉପରେ ରାଗିଗଲେ ଏବଂ ଅତ୍ୟନ୍ତ କ୍ରୋଧାଭାବ ବ୍ୟକ୍ତ କଲେ । ସେ ତାଙ୍କ ଋଣ ଆଦିର ଏକ ତାଲିକା ପ୍ରସ୍ତୁତ କଲେ । ସେଥିରେ ମିଠା ଦୋକାନୀମାନଙ୍କର ଋଣ ମଧ୍ୟ ରହିଥିଲା । କିନ୍ତୁ ତାଙ୍କୁ ଏହା ଜଣା ନଥିଲା ଯେ ତାହା ପରିଶୋଧ ହୋଇ ସାରିଛି । ପ୍ରସଙ୍ଗଟି ଯେତେବେଳେ ହୁଜୁର ଅ.ସଙ୍କ ପର୍ଯ୍ୟନ୍ତ ପହଞ୍ଚିଲା ଯେ, ସେ ମିଠେଇ ଦୋକାନୀମାନଙ୍କଠାରୁ ଏତେ ଋଣ ନେଇଛନ୍ତି। ଅର୍ଥାତ୍ ଲଙ୍ଗରଖାନାର (ଭୋଜନାଳୟର) ସାଧାରଣ ପରିଚାଳନା ପାଇଁ। ହ. ମସିହ୍ ମଉଦ୍ ଅ.ସ ଏହା ଶୁଣି ହସିଲେ ଏବଂ କହିଲେ ଯେ, "ମୋତେ ଏହା ଜଣାଅଛି ଏବଂ ସେହି ଋଣ ପରିଶୋଧ ହୋଇସାରିଛି" । ମୀର୍ ସାହେବ ! ଆପଣ ଚିନ୍ତା କରନ୍ତୁ ନାହିଁ ବରଂ ପ୍ରତି ସପ୍ତାହରେ ଏହା ପରିଶୋଧ ହୋଇଯାଏ । ଯାହା ବି ଋଣ ହେଉଥିଲା ତାହା ପ୍ରତି ସପ୍ତାହରେ ପରିଶୋଧ ହୋଇଯାଉଥିଲା । "ହ. ମସିହ୍ ମଉଦ୍ ଅ.ସ ଶେଖ୍ ସାହେବଙ୍କର ସାପ୍ତାହିକ କିମ୍ବା ସେ ଯେତେବେଳେ ଚାହୁଁଥିଲେ ସେହି ଖର୍ଚ୍ଚ ପରିଶୋଧ କରିଦେଉଥିଲେ ଏବଂ ଶେଖ୍ ସାହେବ ଅତ୍ୟନ୍ତ ନିଃଶଙ୍କୋଚ

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଓ ନିରାଡ଼ମ୍ବର ଭାବେ ଯେପରି ଜଣେ ପୁଅ ବାପା ପାଖକୁ ଯାଇ କହିଥାଏ, ବରଂ ତା' ଠାରୁ ବି ଅଧିକ ନିଃଶଙ୍କୋଚ ଓ ନିରାଡ଼ମ୍ବର ଭାବେ ନିବେଦନ କରି ଦେଉଥିଲେ ଯେ ଏତିକି ଖର୍ଚ୍ଚ ହୋଇଛି । ହୁଜୁର ଅ.ସ ତୁରନ୍ତ ଦେଇ ଦେଉଥିଲେ । ଏହିପରି ରାଜକୀୟ ଏବଂ ସଂସ୍କାର ସୁଲଭ ଉଦାରତା କେବଳ ଆପଣ ଅ.ସଙ୍କର ହିଁ ହେଉଥିଲା ।" ତହିଁରେ ବ୍ୟକ୍ତିଗତ ଖର୍ଚ୍ଚ ମଧ୍ୟ ରହିଥିଲା ଏବଂ ଲଙ୍ଗରଖାନାର ଖର୍ଚ୍ଚ ମଧ୍ୟ ନିଶ୍ଚିତ ଭାବେ ଥିବ ।" **(ସିରତ୍ ହ. ମସିହ୍ ମଉଦ ଅ.ସ, ଲେଖକ ଶେଖ୍ ୟାକୁବ୍ ଅଲୀ ସାହେବ ଇର୍ଫାନୀ, ଭାଗ-3, ପୃଷ୍ଠା-310-311, ଫିରୋଜୁଲ୍ ଲୁଗାତ୍, ପୃ-371)** ହୁଜୁର୍ ଅନୱର୍ ଅ.ବ କହିଲେ, ହ.ମୁନ୍‌ସୀ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "ହ. ସୟେଦ ଫଜଲ୍ ଶାହ ସାହେବ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କର ଅତ୍ୟନ୍ତ ନିଷ୍ଠାପର ସେବକମାନଙ୍କ ମଧ୍ୟରୁ ଅନ୍ୟତମ ସେବକ ଥିଲେ । ଶାହ୍ ସାହେବ, ଶ୍ରଦ୍ଧେୟ ସୟେଦ୍ ନାସିର୍ ଶାହ୍ ସାହେବଙ୍କର ମାନ୍ୟବର ଭାଇ ଥିଲେ । ହ. ମସିହ୍ ମଉଦ୍ ଅ.ସଙ୍କ ପ୍ରତି ତାଙ୍କର ଅଗାଧ ପ୍ରେମ ଥିଲା । ଶେଷରେ ସେ ହିଜରତ୍ (ପ୍ରବାସ) କରି କାଦିୟାନ୍ ଚାଲି ଆଲେ ଏବଂ 'ଦାରୁଲ୍ ଜୁଅଫା' (ଅସହାୟ ଗୃହ)ରେ ରହୁଥିଲେ... ଜୁଲାଇ 1900 ମସିହାର ଘଟଣା ଯେ, ସେ କାଦିୟାନ୍ ଆସିଥିଲେ । ସେ 6 ଜୁଲାଇ 1900 ମସିହାରେ ହ. ମସିହ୍ ମଉଦ୍ ଅ.ସଙ୍କଠାରୁ ଯିବା ପାଇଁ ଅନୁମତି ମାଗିଲେ ଏବଂ ଏହି ଇଚ୍ଛା ମଧ୍ୟ ପ୍ରକାଶ କଲେ ଯେ ହୁଜୁର ! ଆପଣ ଅ.ସ ମୋତେ କିଛି ଉପଦେଶବାଣୀ ଲେଖି ଦିଅନ୍ତୁ । ଆହୁରି ମଧ୍ୟ କିଛି ଔଷଧ ଏବଂ ଗୋଟିଏ କୁର୍ତ୍ତା (ଜାମା) ମଧ୍ୟ ମାଗିଲେ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କୁ ସେହି ସମୟରେ ପ୍ରବଳ ମୁଣ୍ଡବିନ୍ଧା ଆକ୍ରମଣ ହୋଇଥିଲା ଏବଂ ହୁଜୁର ଅ.ସ ନମାଜ୍ ପାଇଁ ମଧ୍ୟ ଆସିପାରି ନଥିଲେ । କିନ୍ତୁ ମୁଣ୍ଡରେ ଭୀଷଣ ଯନ୍ତ୍ରଣା ଥିବା ସତ୍ତ୍ୱେ ଆପଣ ଅ.ସ ଶାହ୍ ସାହେବଙ୍କ ପତ୍ରର ଉତ୍ତରରେ ଗୋଟିଏ ଉପଦେଶ ପତ୍ର ଲେଖିଲେ ଏବଂ ତାଙ୍କୁ ଔଷଧ ଓ କୁର୍ତ୍ତା ମଧ୍ୟ ଦେଲେ । ଉକ୍ତ ଘଟଣାଟି ଏହି କଥାର ପ୍ରମାଣ ଯେ, ଆପଣ ଅ.ସ ନିଜ ରୋଗର ଅତ୍ୟନ୍ତ ଗୁରୁତର ଅବସ୍ଥାରେ ମଧ୍ୟ ନିଜ ସେବକମାନଙ୍କର ଉଚିତ୍ ଅନୁରୋଧକୁ (ଦାବି) ପୂରଣ କରିବା ପାଇଁ ମଧ୍ୟ ପ୍ରସ୍ତୁତ ରହୁଥିଲେ ଏବଂ ଜନସାଧାରଣଙ୍କ ଲାଭ ଓ କଲ୍ୟାଣ ପାଇଁ ନିଜ କଷ୍ଟର ମଧ୍ୟ ଭୃକ୍ଷେପ କରୁନଥିଲେ ।" **(ସିରତ୍ ହ. ମସିହ୍ ମଉଦ ଅ.ସ, ଲେଖକ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-3, ପୃଷ୍ଠା-307-308)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, "ଆପଣ ଅ.ସଙ୍କ ଆଚରଣ ମଧ୍ୟରୁ ଏହା ମଧ୍ୟ ଜଣାପଡ଼େ ଯେ, କେତେକ ସମୟରେ (ବେଳେବେଳେ) ଆପଣ ଅ.ସ ବନ୍ଧୁମାନଙ୍କ ଖୁସିରେ ଉଦାରତାର ସହ ଭାଗ ନେଉଥିଲେ ଏବଂ ଆପଣଙ୍କର ଏହି ପ୍ରଣାଳୀ ପ୍ରେମ ପ୍ରକାଶ ଏବଂ ଦାନଶୀଳତାର ମର୍ଯ୍ୟାଦାର ଅଧିକାରୀ ଥିଲା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସୁତରାଂ ହ. ମୁନ୍‌ଶୀ ଅବ୍‌ଦୁଲ୍ଲାଃ ସାହେବ ସନୱରୀ ର.ଅଙ୍କ ନାମରେ ଯେଉଁସବୁ ପତ୍ର ଆପଣ ଅ.ସ ସମୟ ସମୟରେ ଲେଖିଥିଲେ, ସେଗୁଡ଼ିକର ଅଧ୍ୟୟନରୁ ଏବଂ ସ୍ୱୟଂ ମୁନ୍‌ଶୀ ସାହେବଙ୍କ ବର୍ଣ୍ଣନାରୁ ଏହା ହିଁ ପ୍ରମାଣିତ ଯେ, ହୁଜୁର୍ ଅ.ସ ଥରେ ମୁନ୍‌ଶୀ ସାହେବଙ୍କ 'ୱଲିମା' (ବିବାହ ପରବର୍ତ୍ତୀ ଭୋଜି ଅର୍ଥାତ୍ ପ୍ରିତୀ ଭୋଜନ) ଭୋଜନରେ ଏବଂ ଦ୍ୱିତୀୟ ଥର ପୁତ୍ରର 'ଅକୀକା'ରେ ନିଜ ପକ୍ଷରୁ ଏକ ଅର୍ଥ ଖର୍ଚ୍ଚ କରିଥିଲେ ଏବଂ ଏହି ଖର୍ଚ୍ଚ କରିବାରେ ଆପଣଙ୍କୁ ଆନନ୍ଦ ଏବଂ ସନ୍ତୋଷ ମିଳୁଥିଲା ଓ ଆପଣ ଅ.ସ ମୁକ୍ତ ହୃଦୟ ହୋଇ ଅର୍ଥ ଖର୍ଚ୍ଚ କରୁଥିଲେ । ବେଳେବେଳେ ଲୋକମାନେ ନିଜର ଏହି ପ୍ରକାରର ଉତ୍ସବଗୁଡ଼ିକରେ କିଛି ଟଙ୍କା ହୁଜୁର ଅ.ସଙ୍କ ପାଖକୁ ମଧ୍ୟ ପଠାଇ ଦେଉଥିଲେ ଏବଂ ଲେଖୁଥିଲେ ଯେ ହୁଜୁର୍ ! ଆପଣ ଅ.ସ ସେଠାରେ ବନ୍ଧୁମାନଙ୍କୁ, ଆମନ୍ତ୍ରିତ ଲୋକମାନଙ୍କୁ ଭୋଜନ ଖୁଆଇ ଦିଅନ୍ତୁ । କିନ୍ତୁ ଲେଖିବା ସମୟରେ ସେମାନେ ଅଜାଣତରେ ଏକଥା ଭୁଲିଯାଉଥିଲେ ଯେ କାଦିୟାନ୍‌ର ଆମନ୍ତ୍ରଣ (ଭୋଜି) କେବଳ କିଛି ଲୋକଙ୍କର ଭୋଜି ହୋଇପାରିବ ନାହିଁ । ହ. ମସିହ୍ ମଉଦ ଅ.ସଙ୍କ ଚାରିପାଖରେ ତ'ଅସଂଖ୍ୟ ଲୋକ ଥାଆନ୍ତି । ସାଧାରଣତଃ ସେମାନେ ଯେଉଁ ଟଙ୍କା ପଠାଉଥିଲେ ତାହା ବହୁତ କମ୍ ରହୁଥିଲା କିମ୍ବା ପର୍ଯ୍ୟାପ୍ତ ହୋଇପାରୁ ନଥିଲା । "କିନ୍ତୁ ପୁଣ୍ୟଶ୍ଳୋକ ହ. ଅ.ସ ସେମାନଙ୍କୁ ସେ ବିଷୟରେ ପୁନର୍ବାର କିଛି ଲେଖୁନଥିଲେ । ବରଂ ନିଜ ଗଣ୍ଠିରୁ (ନିଜ ତରଫରୁ) "ଏକ ଅର୍ଥରାଶି ମିଶାଇ ସେମାନଙ୍କ ମନସ୍କାମନାକୁ ପୂରଣ କରି ଦେଉଥିଲେ । ଅନେକ ଥର ଆପଣ ଅ.ସଙ୍କୁ ଏପରି ପ୍ରସଙ୍ଗର ସମ୍ମୁଖୀନ ହେବାକୁ ପଡ଼ିଛି । କିନ୍ତୁ କେବେବି ସେଥି ସଂକ୍ରାନ୍ତରେ ପରୋକ୍ଷରେ କିମ୍ବା ଇଙ୍ଗିତରେ ମଧ୍ୟ ଆପଣ ଅ.ସ କିଛି ଉଲ୍ଲେଖ କରୁ ନଥିଲେ । ବରଂ ସର୍ବଦା ଏପରି ଅବସରରେ ଏହା ହିଁ କହୁଥିଲେ ଯେ ଅମୁକ ବନ୍ଧୁଙ୍କ ପକ୍ଷରୁ ଏହି ଭୋଜି ଦିଆଯାଉଛି ।" **(ସିରତ୍ ହ. ମସିହ୍ ମଉଦ୍ ଅ.ସ, ଲେଖକ ଶେଖ୍ ୟାକୁବ୍ ଅଲୀ ଇର୍ଫାନୀ ସାହେବ, ଭାଗ-3, ପୃଷ୍ଠା-310)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ବେଳେବେଳେ ପରିପ୍ରକାଶ ମଧ୍ୟ ହୋଇଯାଉଥିଲା। ଅର୍ଥାତ୍ ଯେଉଁମାନେ ନିକଟ ସଂପର୍କୀୟ ବନ୍ଧୁ ଥିଲେ, ସେମାନଙ୍କୁ ମଧ୍ୟ ଆପଣ ଅ.ସ ଜଣାଇ ଦେଉଥିଲେ ଯେ, ମହୋଦୟ ! ଆପଣଙ୍କୁ ଟଙ୍କାର ଥିଲା ତାହା ଅପର୍ଯ୍ୟାପ୍ତ ଥିଲା, ତେଣୁ ମୁଁ ଖର୍ଚ୍ଚ ପୂରଣ କରିଦେଲି । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜ ପତ୍ରରେ, ଯାହାକୁ ଆପଣ ଅ.ସ ହ. ମୁନ୍‌ଶୀ ଅବ୍‌ଦୁଲ୍ଲାଃ ସାହେବ ସନୱରୀ ର.ଅଙ୍କୁ ତାଙ୍କ ବିବାହ ଅବସରରେ ଲେଖିଥିଲେ, ଲେଖିଥିଲେ ଯେ, ମହୋଦୟ ! "ଆପଣଙ୍କୁ ନୂତନ ବିବାହର ଶୁଭେଚ୍ଛା । ଶୁକ୍ରବାର ଦିନ ଆପଣଙ୍କ ଉଲ୍ଲିଖିତ ପତ୍ର ଅନୁସାରେ ଆପଣଙ୍କ ପକ୍ଷରୁ ୱଲିମାର (ପ୍ରୀତି ଭୋଜନ) ଖାଦ୍ୟ ଅତିଥିମାନଙ୍କୁ ଖୁଆଇ ଦିଆଯାଇଛି । ଅତିଥିମାନେ ଅଧିକ ସଂଖ୍ୟକ ଥିଲେ ଏବଂ ସେଠ୍ ସାହେବ ଅର୍ଥାତ୍ ଅବ୍‌ଦୁର ରହମାନ୍ ସାହେବ ମାଦ୍ରାସୀ ରହମତୁଲ୍ଲାହ ସାହେବ ଏବଂ ଅନ୍ୟାନ୍ୟ ଅନେକ ସମ୍ମାନିତ ଅତିଥିମାନେ ଉପସ୍ଥିତ ଥିଲେ ଏବଂ ୪0ରୁ ଊର୍ଦ୍ଧ୍ୱ ଲୋକ ହେବେ । ଅତଏବ୍ ଆପଣ ଯେଉଁ ଦଶ ଟଙ୍କା ପଠାଇଥିଲେ ତାହା ଯଥେଷ୍ଟ ନଥିଲା । ତେଣୁ ଏହି ଖୁସିରେ ମୁଁ ମୋ ପକ୍ଷରୁ ମଧ୍ୟ ଦଶ ଟଙ୍କା ମିଶାଇ କୋଡ଼ିଏ ଟଙ୍କାରେ ଭୋଜି କରାଇଦେଲି ଏବଂ ଭଲ ଖାଦ୍ୟ ପୋଲୋଉ ଓ ଜର୍ଦ୍ଧା (ମିଠା ଭାତ) ଇତ୍ୟାଦି ରନ୍ଧାଗଲା । ଖାଦ୍ୟରେ କୋର୍ମା ଏବଂ ରୁଟି ଇତ୍ୟାଦି ମଧ୍ୟ ରହିଥିଲା । ସେ ଯାହା ହେଉ, ଆଗକୁ ଉଲ୍ଲେଖ ରହିଛି ଯେ, (ଆପଣ ଅ.ସ ଉଲ୍ଲେଖ କରିଥଲେ ଯେ) ଅତିଥିମାନେ ଅତ୍ୟନ୍ତ ପ୍ରସନ୍ନ ହେଲେ ଏବଂ ଖାଇସାରି ଆପଣଙ୍କ ପାଇଁ ଶୁଭ ପ୍ରାର୍ଥନା (ଦୁଆ) କଲେ । ଅତିଥିମାନଙ୍କୁ ଏହା ହିଁ କୁହାଗଲା ଯେ ଏହି ଭୋଜି ମୁନ୍‌ସୀ ସାହେବଙ୍କ ପକ୍ଷରୁ ଅଟେ । ନିଜ କଥା ଜଣାଇଲେ ନାହିଁ ଯେ ମୁଁ ମଧ୍ୟ ଏଥିରେ ଯୋଗଦାନ ଦେଇଛି । ଅର୍ଥାତ୍ 10 ଟଙ୍କା ମେଶେଇଛି । **(ମକ୍‌ତୁବାତେ ଅମହଦ୍, ଗ୍ରନ୍ଥଖଣ୍ଡ-3, ପୃଷ୍ଠା-230, ପତ୍ର ନଂ-60, ପ୍ରାପ୍ତେଷୁ- ମୁନ୍‌ସୀ ଅବ୍‌ଦୁଲ୍ଲାଃ ସନୱରୀ ର.ଅ ସାହେବ ର.ଅରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ଏକ ପତ୍ରରେ ଯାହା ଆପଣ ଅ.ସ ହ. ମୁନ୍‌ସୀ ଅବ୍‌ଦୁଲ୍ଲାଃ ସାହେବ ସନୱରୀ ର.ଅଙ୍କୁ ତାଙ୍କ ପୁତ୍ରଙ୍କ ଅକୀକା ଅବସରରେ ଲେଖିଥିଲେ, କହିଲେ: "ଦୁଇଟି ଛେଳି ମେଣ୍ଢା ଜେବହ୍ କରାଗଲା, ଯାହାର ମାଂସ ଅତ୍ୟୁତ୍ତମ ଥିଲା । ଗୋଟିଏ ବଡ଼ ହାଣ୍ଡି (ଦେଗ୍) ମାଂସ ପୋଲୋଉ ଏବଂ ଗୋଟିଏ ଛୋଟ ହାଣ୍ଡି (ଦେଗ୍‌ଚା) ଜର୍ଦ୍ଧା ଶୀରୀନ୍ (ମିଠା ପୋଲୋଉ ବା ଭାତ), କେଶର ଆଦିରୁ ପ୍ରସ୍ତୁତ ମିଠା ଭାତ ରନ୍ଧାଗଲା । ରୁଟି ଏବଂ ମାଂସ ମଧ୍ୟ ରନ୍ଧାଗଲା । ପାଖାପାଖି 70 ଜଣ ଅତିଥି ଥିଲେ । ସେମାନଙ୍କର ଆତିଥ୍ୟତା କରାଗଲା। ଆପଣଙ୍କର ସତ୍‌ଇଚ୍ଛା ଏବଂ ନିଷ୍ଠା ହେତୁ ଉଭୟ ପୋଲୋଉ ଏବଂ ଜର୍ଦ୍ଧା ଆଦି ଅତ୍ୟନ୍ତ ଭଲ ରନ୍ଧା ହୋଇଥିଲା ।" ଆପଣ ଅ.ସ ଏହା ମଧ୍ୟ ଲେଖିଲେ ଯେ, "ମହୋଦୟ ! ଆପଣଙ୍କର ଏହି କାମ ଚବିଶ (୨୪) ଟଙ୍କାରେ ସମ୍ପୂର୍ଣ୍ଣ ହେଲା, ଏବଂ ଯେହେତୁ ମୁଁ ଜାଣେ ଯେ, ଆପଣ ଏତେ ଟଙ୍କା ଦେଇପାରିବେ ନାହିଁ, ତେଣୁ ଏହାର ଅଧା ଯାହା ବାର (12) ଟଙ୍କା ଯଦି ଆପଣ ପଠାଇବାକୁ ଚାହାନ୍ତି ତେବେ ଯେକୌଣସି ସମୟରେ ପଠାଇ ଦିଅନ୍ତୁ । ଆପଣ ଅ.ସ ଅତ୍ୟନ୍ତ ଖୁସି ପ୍ରକାଶ କଲେ । ଏହି ଭୋଜି ପାଇଁ ତାଙ୍କୁ ଶୁଭେଚ୍ଛା ମଧ୍ୟ ଦେଲେ । **(ମକ୍‌ତୁବାତେ ଅମହଦ୍, ଗ୍ରନ୍ଥଖଣ୍ଡ-3, ପୃଷ୍ଠା-234, ପତ୍ର ନଂ-65, ପ୍ରାପ୍ତେଷୁ- ମୁନ୍‌ସୀ ଅବ୍‌ଦୁଲ୍ଲାଃ ସନୱରୀ ର.ଅ ସାହେବ ର.ଅରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ଅହମଦ ନୁର କାବୁଲୀ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ,"1902 ମସିହାରେ ଯେତେବେଳେ ମୁଁ କାଦିୟାନ୍ ଆସିଲି, ସନ୍ଧ୍ୟା (ମଗରିବ୍) ନିକଟତର ସମୟରେ ସେହି ସମୟରେ ହ. ମସିହ୍ ମଉଦ୍ ଅ.ସ ମୋର 'ବୈଅତ୍' (ଦୀକ୍ଷା) ନେଲେ । ହ. ମସିହ୍ ମଉଦ୍ ଅ.ସ ସ୍ୱୟଂ ପ୍ରବୃତ୍ତ ହୋଇ ମୋତେ ଘର ପାଇଁ ଜମି ପ୍ରଦାନ କଲେ ଏବଂ ମୋର ବିବାହ ମଧ୍ୟ ମୋର ବିନା ନିବେଦନ ଏବଂ ବିନା ଆହ୍ୱାନରେ କରାଇଦେଲେ । ମୋର ଅଜାଣତରେ ମୋତେ ରୁଖ୍‌ସତାନା (ବିଦାୟ) ସମୟରେ କିଛି ସାଥୀଙ୍କ ସହିତ ମଧ୍ୟ ପଠାଇଦେଲେ । ମୋ ପାଇଁ ଗୋଟିଏ ବସ୍ତା ଅଟା ନିଜ ଲଙ୍ଗରରୁ (ସାଧାରଣ ଭୋଜନାଳୟ) ପ୍ରଦାନ କଲେ ଏବଂ କହିଲେ, ଯେତେଦିନ ପର୍ଯ୍ୟନ୍ତ ଅମହଦ ନୁର ସାହେବ ଜୀବିତ ଅଛି, ମୋ ହିସାବରୁ (ଖାତାରୁ) ଏହି ଅଟା ଦେଇଚାଲ । ଏହା ମୌଲବୀ ମୁହମ୍ମଦ ଅଲୀ ସାହେବଙ୍କୁ ଆଦେଶ ଦିଆଯାଇଥିଲା । ଆପଣ ଅ.ସ କହିଲେ, ଯେ, "ଅମହଦ ନୁରଙ୍କ ଅଟାର ଯେଉଁ ଖର୍ଚ୍ଚ ହେବ, ତାହା ମୁଁ ଦେବି ।" **(ରିୱାୟାତ୍ ଅସ୍‌ହାବେ ଅହମଦ୍, ଭାଗ-2, ପୃଷ୍ଠା-307)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମିଆଁ ଅବ୍‌ଦୁର ରହୀମ୍ ସାହେବ ବର୍ଣ୍ଣନା କରନ୍ତି ଯେ, "ଥରେ ମୁଁ ଗୁରୁତର ଅସୁସ୍ଥ ହୋଇପଡ଼ିଲି, ମୋ ବଞ୍ଚିବାର ଆଶା ମଧ୍ୟ ନଥିଲା ଏବଂ ମୁଁ ଅଚେତ୍ ହୋଇ ପଡ଼ିଥିଲି । ସେହି ସମୟରେ ମୋର ପିତୃବ୍ୟ (ତାୟା ବା ବଡ଼ବାପା) ସ୍ୱର୍ଗତ ମୀରାଁ ବଖ୍‌ସ୍ ସାହେବ ଯେତେବେଳେ ହୁଜୁର ଅ.ସ 'ବୁଟର୍' ଗ୍ରାମ ଅଭିମୁଖେ (ଆଡ଼କୁ) ଭ୍ରମଣ ସାରି ଫେରୁଥିଲେ, 'ମୋରୀ ଦ୍ୱାର'ର ଛକ ଠାରେ ନିବେଦନ କଲେ ଯେ, 'ହୁଜୁର ! ଅବ୍‌ଦୁର ରହୀମ୍‌ଙ୍କୁ ଟିକେ ଦେଖିକି ଯାଆନ୍ତୁ, ସେ ଗୁରୁତର ରୂପେ ଅସୁସ୍ଥ ଅଟନ୍ତି ।' ହୁଜୁର ଅ.ସଙ୍କ ସହିତ ଅନ୍ୟ ଅନେକ ବନ୍ଧୁମାନଙ୍କ ବ୍ୟତୀତ ହ. ଖଲିଫା ଅୱଲ୍ (ପ୍ରଥମ ଖଲିଫା) ମଧ୍ୟ ସାମିଲ ଥିଲେ । ହୁଜୁର ଅ.ସ ଦୟାପୂର୍ବକ ଆମ ଗରିବ କୁଟୀରକୁ ଆସିଲେ ଏବଂ ମୋତେ ଖଟିଆରେ ପଡ଼ିଥିବାର ଦେଖି ନିଜ ଡାହାଣ ହାତରେ ମୋ କାନ୍ଧକୁ ହଲାଇ କହିଲେ: କାହିଁକି ବ୍ୟାକୁଳ ହେଉଛ, ତୁମେ ଏତେଶୀଘ୍ର ମରିବ ନାହିଁ। ଏହା ଶୁଣି ମୋ ଆଖି ଖୋଲିଗଲା ଏବଂ ସାଙ୍ଗେ ସାଙ୍ଗେ ହୁଜୁର ଅ.ସ ଘରର ଛାତ ଆଡ଼କୁ ମଧ୍ୟ ଚାହିଁଲେ ଏବଂ କହିଲେ,: 'ଅବ୍‌ଦୁର ରହୀମ୍ ! ତୁମେ ଏହି ରୋଗରେ ମୃତ୍ୟୁବରଣ କରିବ ନାହିଁ, କିନ୍ତୁ ଏହି ଘର ଯାହା ଜୀର୍ଣ୍ଣସୀର୍ଣ୍ଣ ଓ ଦୁର୍ବଳ ଅବସ୍ଥାରେ ଅଛି, ଏହା ତୁମର ମୃତ୍ୟୁର କାରଣ ହୋଇପାରେ । ଏହାର ଛାତ ଅତ୍ୟନ୍ତ ଖରାପ ଅଛି । ଯେତେବେଳେ ତୁମେ ସୁସ୍ଥ ତଥା ଭଲ ହୋଇଯିବ ସେତେବେଳେ ଏହି ଛାତର ମରାମତି କରିଦେବ । ଆପଣ ଅ.ସ ଏବଂ ମୋ ମା'ଙ୍କୁ କହିଲେ: "ମାତାଶ୍ରୀ ଆପଣ ମୋ ସହିତ ଚାଲି ଔଷଧ ନେଇ ଆସନ୍ତୁ । ପୁଅକୁ ଔଷଧ ଖୁଆନ୍ତୁ, ମୁଁ ପ୍ରାର୍ଥନା (ଦୁଆ) ମଧ୍ୟ କରିବି । **ଇନ୍‌ଶାଅଲ୍ଲାଃ** (ଈଶ୍ୱର ଚାହିଁଲେ) ସେ ଅବଶ୍ୟ ଭଲ ହୋଇଯିବ।" ଏହାପରେ ମୋ ମା' ହୁଜୁର ଅ.ସଙ୍କ ସହିତ ହୁଜୁର ଅ.ସଙ୍କ ଘରକୁ ଗଲେ । ହୁଜୁର ଅ.ସ ତିନୋଟି ପୁଡ଼ିଆ ଔଷଧ ଦେଲେ। ଗୋଟିଏ ପୁଡ଼ିଆ ମୁଁ ସେହି ସମୟରେ, ଅର୍ଥାତ୍ ସକାଳ ନଅ କିମ୍ବା ଦଶଟା ବେଳେ ଖାଇଲି। ଦ୍ୱିତୀୟଟି ସନ୍ଧ୍ୟାରେ ଖାଇଲି । ଏହି ଦୁଇଟି ପୁଡ଼ିଆ ଖାଇବା ପରେ ମୁଁ ଉଠି ଖଟିଆରେ ବସିଗଲି । ତୃତୀୟ ପୁଡ଼ିଆଟି ତା' ପରଦିନ ସକାଳେ ଖାଇଲି । କେବଳ ଏହି

ତିନୋଟି ପୁଡ଼ିଆ ଖାଇବା ଦ୍ୱାରା ମୋର ରୋଗ ସମ୍ପୂର୍ଣ୍ଣ ଭଲ ହୋଇଗଲା। ସେ ଯାହା ହେଉ, ସେ କୁହନ୍ତି ଯେ, ପାଞ୍ଚ, ଛଅ ଦିନ ପରେ ମୁଁ ସମ୍ପୂର୍ଣ୍ଣ ରପେ ସୁସ୍ଥ ହୋଇଗଲି । କେବଳ ସାମାନ୍ୟ ଦୁର୍ବଳତା ରହିଗଲା । ଗୋଟିଏ ସପ୍ତାହ ପରେ ସେ କୁହନ୍ତି ମୁଁ ହୁଜୁର ଅ.ସଙ୍କ ସେବାରେ ଉପସ୍ଥିତ ହେଲି, ତେବେ ସେତେବେଳେ ମଧ୍ୟ ଦୁର୍ବଳତା ଥିଲା । ସେ ଯାହାହେଉ, ମୋତେ ସାହାରା ଦେଇ ଉପରକୁ ନେଇଗଲେ। ଯେତେବେଳେ ମୁଁ ହୁଜୁରଙ୍କ ମୁହାଁମୁହିଁ ହେଲି ସେତେବେଳେ ହୁଜୁର  ଅ.ସ କହିଲେ, "ଅବଦ୍ଧୁର୍ ରହିମ୍ ସାହେବ ! ଆପଣ ସୁସ୍ଥ ସବଳ  ଏବଂ ପ୍ରସନ୍ନ ହୋଇ ଯାଇଛନ୍ତି?" ମୁଁ ନିବେଦନ କଲି ଯେ, ହୁଜୁର ଅ.ସଙ୍କ ଦୁଆ ଏବଂ ଔଷଧ ଦ୍ୱାରା ସେହି ଦିନ ଠାରୁ ମୋତେ ଜ୍ୱର ଆଉ ନାହିଁ। ଏହାପରେ ହୁଜୁର  ଅ.ସ କହିଲେ: "ଘରର କ'ଣ ହେଲା?' ମୁଁ କହିଲି ଯେ, 'ମାସେ ମାସେ ପନ୍ଦର ଦିନ ଅସୁସ୍ଥ ହୋଇ ରହିଲି ଏବଂ ମୋ ପାଖରେ ଗୋଟିଏ ପଇସା ବି ନାହିଁ । ଘର କିପରି ତିଆରି କରିବି ? ଛାତ କିପରି ବଦଳାଇବି? ହୁଜୁର ଅ.ସ କହିଲେ: 'ମୁଁ ତିଆରି କରାଇଦେବି ।' ଆପଣ ଅ.ସ ସେହି ସମୟରେ ମୌଲବୀ ମୁହମ୍ମଦ ଅଲୀ ସାହେବଙ୍କୁ ଡକାଇ କହିଲେ, ଯେ, 'ଆପଣ ଯେତେବେଳେ ବିଦ୍ୟାଳୟ (ମଦ୍ରାସା)ର କୋଠରୀଗୁଡ଼ିକ ପାଇଁ କାଠ ମଗାଇବେ ସେତେବେଳେ ଅବ୍ଦୁର ରହୀମ୍ଙ୍କ ଘର ଛାତ ପାଇଁ ମଧ୍ୟ କାଠ ମଗାଇ ତାଙ୍କର ଘର ତିଆରି କରାଇ ଦିଅନ୍ତୁ। ଯେତିକି ଟଙ୍କା ଖର୍ଚ୍ଚ ହେବ ତାହା ମୁଁ ଦେବି । ସେହି ଅନୁସାରେ ମୌଲବୀ ମହମ୍ମଦ ଅଲୀ ସାହେବ ମିସ୍ତ୍ରୀ 'ରୁଙ୍କା ରାମ୍'ଙ୍କୁ ମୋ ଘର ଦେଖିବା ଏବଂ କାଠ ଖର୍ଚ୍ଚର ଆକଳନ କରିବା ପାଇଁ ପଠାଇଲେ । ସେ ମୌଲବୀ ସାହେବଙ୍କୁ ଆସି ଜଣାଇଲା ଯେ, ଘର ପାଇଁ ଦଶଟି ଶହତୀର୍ (କାଠ କଡ଼ି) ଖର୍ଚ୍ଚ ହେବ। ମୌଲବୀ ମୁହମ୍ମଦ ଅଲୀ ସାହେବ ହୁଜୁର ଅ.ସଙ୍କୁ ନିବେଦନ କଲେ ଯେ, ହୁଜୁର୍ ! କାଠ ପାଇଁ ତିରିଶ ୩୦ ଟଙ୍କା ଲାଗିବ । ତିରିଶ (30) ଟଙ୍କା ହୁଜୁର ଅ.ସ ମୌଲବୀ ସାହେବଙ୍କୁ ଦେଇଦେଲେ ଏବଂ ମୋ ଘର ତିଆରି ହୋଇଗଲା । ସେ କୁହନ୍ତି, ଏହା ବ୍ୟତୀତ ଯାହା ଅନ୍ୟ ଶ୍ରମିକ ଆଦିଙ୍କ ଉପରେ ଯେଉଁ ଅର୍ଥ ଖର୍ଚ୍ଚ ହେଲା, ସେ ବିଷୟରେ ମୋତେ ଜଣା ନାହିଁ ତାହା କେତେ ଥିଲା ? ତାହା ହ. ମସିହ୍ ମଉଦ୍ ଅ.ସ ହିଁ ପ୍ରଦାନ କରିଥିଲେ ।"

**(ରିୱାୟାତ୍ ଅସ୍‌ହାବେ ଅହମଦ୍, ଭାଗ-4, ପୃଷ୍ଠା-174-175ରୁ ଉଦ୍ଧୃତ)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର ଅମହଦ ସାହେବ ର.ଅ ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର ଜୀବନୀର ସାଧାରଣ ସାରାଂଶ ବର୍ଣ୍ଣନା କରି କୁହନ୍ତି: "ଆମର ବଡ଼ ମାମୁଁ ସ୍ୱର୍ଗତ ହ. ଡାକ୍ତର ମୀର୍ ମୁହମ୍ମଦ୍ ଇସ୍‌ମାଇଲ୍ ସାହେବ ର.ଅ ମୋର ଅନୁରୋଧ କ୍ରମେ ହ. ମସିହ୍ ମଉଦ୍ ଅ.ସଙ୍କ ଚରିତ୍ର ଚିତ୍ରଣ ଓ ଗୁଣାବଳୀ ସମ୍ବନ୍ଧରେ ଏକ ପ୍ରବନ୍ଧ ଲେଖିଥିଲେ । ସେହି ପ୍ରବନ୍ଧରେ ସେ କୁହନ୍ତି: "ହ. ମସିହ୍ ମଉଦ୍ ଅ.ସ ଅତ୍ୟନ୍ତ ସ୍ନେହୀ ଏବଂ ଦୟାଳୁ ବ୍ୟକ୍ତି ଥିଲେ, ଆପଣ ଅ.ସ ବଦାନ୍ୟ ଓ ଦାନଶୀଳ ବ୍ୟକ୍ତି ଥିଲେ, ଆପଣ ଅ.ସ ଅତିଥିପରାୟଣ ଥିଲେ । 'ଅଶ୍‌ଜଉନ୍ ନାସ୍' (ଅର୍ଥାତ୍ ଲୋକମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ବୀର ଓ ସାହସୀ ଥିଲେ) । ବିପତ୍ତି ସମୟରେ ଯେତେବେଳେ ଲୋକଙ୍କ ହୃଦୟ ଶିଥିଳ ପଡ଼ିଯାଉଥିଲ ସେତେବେଳେ ଆପଣ ଅ.ସ ସିଂହ ଭଳି ଆଗକୁ ବଢୁଥିଲେ। ଦୟା, କ୍ଷମା, ଉଦାରତା, ବଦାନ୍ୟତା, ପରୋପକାରୀତା, ନମ୍ରତା, ନିଷ୍ଠା, ସରଳତା, ଈଶ୍ୱରପ୍ରେମ, ରସୁଲ୍ କରୀମ୍ ସ.ଅଙ୍କ ପ୍ରତି ଆନ୍ତରୀକତା ତଥା ଭଲପାଇବା, ଧର୍ମଗୁରୁମାନଙ୍କ ପ୍ରତି ଶ୍ରଦ୍ଧା, ପ୍ରତିଶ୍ରୁତି ପାଳନ, ସୁନ୍ଦର ସାମାଜିକ ବ୍ୟବହାର, ଗାମ୍ଭୀର୍ଯ୍ୟତା, ସ୍ୱାଭିମାନ, ସତ୍‌ସାହସ, ଉଚ୍ଚ ସଂକଳ୍ପ, ଦୃଢମନା, ହସଖୁସି ଚେହେରା ଇତ୍ୟାଦି ଆପଣଙ୍କର ବିଶିଷ୍ଟ ଓ ଅନନ୍ୟ ଚରିତ୍ର ଥିଲା ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ହ. ମିର୍ଜା ବଶୀର ଅମହଦ ସାହେବ ର.ଅ ଉଲ୍ଲେଖ କରନ୍ତି ଯେ, ମୁଁ ହ. ମସିହ୍ ମଉଦ୍ ଅ.ସଙ୍କୁ ସେତେବେଲୁ ଦେଖିଥିଲି ଯେତେବେଳେ ମୁଁ ଦୁଇ ବର୍ଷର ଶିଶୁ ଥିଲି । ତା'ପରେ ଆପଣ ଅ.ସ ମୋର ଏହି ଆଖିରୁ ସେତେବେଳେ ଅଦୃଶ୍ୟ ହେଲେ ଅର୍ଥାତ୍ ଆପଣଙ୍କର ମୃତ୍ୟୁ ସେତେବେଳେ ହେଲା ଯେତେବେଳେ ମୁଁ ସତେଇଶ (27) ବର୍ଷର ଯୁବକ ଥିଲି । କିନ୍ତୁ ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ଆପଣଙ୍କ ଠାରୁ ଶ୍ରେଷ୍ଠ, ଆପଣଙ୍କଠାରୁ ଅଧିକ ସଦାଚାରୀ, ଆପଣଙ୍କଠାରୁ ଅଧିକ ପବିତ୍ର, ଆପଣଙ୍କଠାରୁ ଅଧିକ ପିତୃସୁଲଭ, ପିତୃବତ୍ସଳ, ସ୍ନେହ, ଆଦର କରୁଥିବା, ଏବଂ ଆପଣଙ୍କଠାରୁ ଅଧିକ ଅଲ୍ଲାଃ ଓ ରସୁଲ ସ.ଅଙ୍କ ପ୍ରେମରେ ନିମଜ୍ଜିତ ରହୁଥିବା କୌଣସି ବ୍ୟକ୍ତିଙ୍କୁ ଦେଖି ନାହିଁ । ଆପଣ ଏକ ଆଲୋକ ଜ୍ୟୋତି ଥିଲେ ଯାହା ମାନବସମାଜ ପାଇଁ ପୃଥିବୀରେ ପ୍ରକଟିତ ହୋଇଥିଲା ଏବଂ ଆପଣ ଅ.ସ ଦୟାର ବୃଷ୍ଟି ଥିଲେ । ସେହି ବୃଷ୍ଟି ଯାହା ବିଶ୍ୱାସର ଦୀର୍ଘ ଦିନର ଶୁଷ୍କତା, ମରୁଡ଼ି ଅର୍ଥାତ ଦୁର୍ଭିକ୍ଷ ପରେ ଏହି ଧରାପୃଷ୍ଠରେ ବରଷିଥିଲା ଏବଂ ଏହି ବିଶ୍ୱାସଜନିତ ଧରାପୃଷ୍ଠକୁ ଶସ୍ୟ ଶ୍ୟାମଳ ଓ ସମୃଦ୍ଧ କରିଦେଲା।"

ହୁଜୁର୍ ଅନୱର୍ ଅ.ବ କହିଲେ, ହ. ମିର୍ଜା ବଶୀର ଅମହଦ ସାହେବ ସ୍ୱୟଂ ନିଜ ସଂପର୍କରେ ମଧ୍ୟ କୁହନ୍ତି ଯେ, "ଏହାହିଁ ମୋର ପ୍ରତ୍ୟକ୍ଷଦର୍ଶୀ ସାକ୍ଷ୍ୟ ଅଟେ' ଯାହା ମୀର୍ ସାହେବ ବର୍ଣ୍ଣନା କରିଛନ୍ତି । **(ସିରତେ ତୈୟେବା, ଲେଖକ- ହ. ମିର୍ଜା ବଶୀର୍ ଅମହଦ୍ ସାହେବ ଏମ୍.ଏ. ର.ଅ, ପୃଷ୍ଠା- 66-67)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଯେଉଁ ସର୍ବୋଚ୍ଚ ଚରିତ୍ରକୁ ସୃଷ୍ଟି କରିବା ନିମନ୍ତେ ଅଲ୍ଲାଃତାଲା ଆଁହଜରତ୍ ସ.ଅଙ୍କ ଦାସତ୍ୱରେ ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରେରଣ କରିଥିଲେ ଅଲ୍ଲାଃତାଲା ଆମମାନକୁ ମଧ୍ୟ ସେହି ସର୍ବୋଚ୍ଚ ଚରିତ୍ରର ଅଧିକାରୀ ଓ ପାତ୍ର ହେବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

☆☆☆

## ପୃ-02ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ...

ଏହା ତୁମର ଅସାଧୁତା ହେବ ଯେ ତୁମେ ଏପରି ଏକ ହଦିସ୍‌କୁ ଅସ୍ୱୀକାର କରୁଛ ଯାହାର ସତ୍ୟତା ସ୍ୱୟଂ ଈଶ୍ୱର ପ୍ରକାଶ କରିଦେଇଛନ୍ତି । **(କିସ୍ତି ନୁହ୍‌ର ସାରାଂଶ)**

ତେଣୁ ହଦିସ୍‌ଗୁଡ଼ିକୁ ପରଖିବା ସମ୍ପର୍କରେ ଏହା ହେଉଛି ସେହି ବଳିଷ୍ଠ ନିୟମ ଯାହା ସଂପର୍କରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ବ୍ୟାଖ୍ୟା କରିଛନ୍ତି । ସଂପ୍ରତିକ (ଏହି) ଯୁଗରେ ଈଶ୍ୱରଙ୍କ ତରଫରୁ 'ହକମ୍ ଓ ଅଦଲ୍' (ବିଚାରକ ଓ ନ୍ୟାୟକାରୀ ତଥା ମୀମାଂସାକାରୀ) ରୂପେ ଆପଣ ଅ.ସ ଆସିଛନ୍ତି ।

ଆପଣ ଅ.ସଙ୍କ ଦ୍ୱାରା ଉପସ୍ଥାପିତ ସମସ୍ତ ଐଶୀ ନିଷ୍ପତ୍ତିକୁ ମାନିବା ଦ୍ୱାରା ହିଁ ଆମେମାନେ ଇସ୍‌ଲାମ୍ ଧର୍ମର ଦୃଢତ୍ୱତା, ସ୍ଥାୟୀତ୍ୱତା ଓ ସୁରକ୍ଷାର ଗ୍ୟାରେଣ୍ଟି ଦେଇପାରିବା। ତେଣୁ ଏହା ଆବଶ୍ୟକ ଯେ ହଦିସ୍‌କୁ ପରଖିବା ଏବଂ ସେଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବା ସମ୍ପର୍କରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ଚର୍ଚ୍ଚିତ ମାର୍ଗଦର୍ଶନ ଉପରେ କାର୍ଯ୍ୟାନୁସରଣ କରାଯାଉ ।

☆☆☆

## ପୃ-10ରେ ବର୍ଣ୍ଣିତ ହୁଜୁର୍ ଅନ୍‌ୱର୍ ଅ.ବଙ୍କ ଅଷ୍ଟ୍ରେଲିୟା ଗସ୍ତର ଅବଶିଷ୍ଟାଂଶ...

ବିଷୟରେ ପଚାରିଲେ । ଭୋଜନରେ ଆଳୁ-ମାଂସ (ଆଲୁ-ଗୋସ୍ତ) ଏବଂ ଭାତ ଆଦି ରନ୍ଧା ହୋଇଥିଲା । ଇତ୍ୟବସରରେ ଲଙ୍ଗରଖାନାର ସମସ୍ତ କର୍ମଚାରୀମାନେ ନିଜ ପ୍ରିୟ ଆକାଙ୍କ (ମୁନିବଙ୍କ) ସହିତ ଛିଡ଼ା ହୋଇ ଫଟୋ ମଧ୍ୟ ଉଠାଇଲେ ।

ଏହା ପରେ 7ଟା 50 ମିନିଟ୍ ସମୟରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ  ତାଆଲା ବିନସ୍ରିହିଲ୍ ଅଜିଜ୍ "ମସ୍‌ଜିଦ୍ ବୈତୁଲ୍ ହୁଦା" ଠାରେ ଅଭିମୁଖେ ପ୍ରସ୍ଥାନ କଲେ ଏବଂ ମଗ୍‌ରିବ ଓ ଇଶା ନମାଜ୍ ଏକା ସଙ୍ଗରେ ପାଠ କରାଇଲେ । ନମାଜ୍ ପାଠ କରିବା ପରେ ହୁଜୁର ଅନ୍‌ୱର୍ ଅ.ବ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରିହିଲ୍ ଅଜିଜ୍ ଅ.ବ ନିଜ ରହଣୀ ସ୍ଥଳକୁକୁ ପ୍ରସ୍ଥାନ କଲେ ।

☆☆☆

## ପୃ-11ରେ ବର୍ଣ୍ଣିତ ହୁଜୁର୍ ଅନୱର୍ ଅ.ବଙ୍କ ଅଷ୍ଟ୍ରେଲିୟା ଗସ୍ତର ଅବଶିଷ୍ଟାଂଶ...

ପ୍ରଶ୍ନ ଉଠୁଛି । ଯେତେବେଳେ ସେମାନଙ୍କୁ କଠୋରତାର ସହିତ ଚପାଇ ଦିଆଯାଏ, ସେତେବେଳେ ସମସ୍ୟା ସୃଷ୍ଟି ହୁଏ । ବିଚକ୍ଷଣତା (ହିକ୍‌ମତ୍) ସହିତ, ଆଦର ଓ ଭଲପାଇବା ସହିତ ଇସ୍‌ଲାମ ଧର୍ମର ଶିକ୍ଷା ବର୍ଣ୍ଣନା କରି ସେମାନଙ୍କୁ ବୁଝାଇବା ଉଚିତ୍। ହୁଜୁର ଅନ୍‌ୱର କହିଲେ: ମେଲବର୍ଣ୍ଣରୁ ଗୋଟିଏ ପରିବାର ମୋତେ ସାକ୍ଷାତ୍ କରିବାକୁ ଆସିଥିଲା । ପଚାରିବାରୁ ଜଣାପଡ଼ିଲା ଯେ, ଉକ୍ତ ପରିବାରର ପୁରୁଷ ଜଣକ ଜମାଅତ୍‌ର କାର୍ଯ୍ୟକ୍ରମଗୁଡ଼ିକରେ ଆସନ୍ତି ନାହିଁ, ସ୍ତ୍ରୀ ଏବଂ ପିଲା ଛୁଆମାନେ ଆସନ୍ତି । ମୋତେ ତାଙ୍କ ମୁହଁରୁ ଲାଗିଲା, ମୁଁ କହିଲି ମହୋଦୟ ! ଆପଣ କୌଣସି ଓହଦେଦାର୍ (କର୍ମକର୍ତ୍ତା)ଙ୍କ ଯୋଗୁଁ କଷ୍ଟ ପାଇଛନ୍ତି କି ? ତେବେ ସେ କାନ୍ଦିବାକୁ ଲାଗିଲେ ଏବଂ ଭାବବିହ୍ୱଳ ହୋଇଗଲେ । ମୁଁ ତାଙ୍କୁ ବୁଝାଇଲି କିନ୍ତୁ କର୍ମକର୍ତ୍ତାମାନଙ୍କ ବ୍ୟବହାର ତଥା ଆଚରଣ ଭଲ ହେବା ଉଚିତ୍ । ନିଜର ଓହଦେଦାରମାନଙ୍କୁ (କର୍ମକର୍ତ୍ତାମାନଙ୍କୁ) ଧରନ୍ତୁ। କେତେକ ଲୋକ ସେମାନଙ୍କ ବ୍ୟବହାର ଯୋଗୁଁ (ଜମାଅତରୁ) ଓହରି ଯାଆନ୍ତି । ନିଜର ବ୍ୟକ୍ତିଗତ ଅହଂକାର ଏବଂ ମନୋମାଳିନ୍ୟକୁ ସମାପ୍ତ କରନ୍ତୁ । ଅଲ୍ଲାଃତାଲା ସେବାର ସୁଯୋଗ ଦେଉଛନ୍ତି ତେଣୁ ଏହାକୁ ଏକ ଈଶ୍ୱର କୃପା (ଫଜଲ୍) ବୋଲି ମନେକରନ୍ତୁ । ମଜ୍‌ଲିସେ ଶୁରା (ପରାମର୍ଶ ସଭା) ଏବଂ ଜମାଅତ୍‌ର ନିର୍ବାଚନ ପୂର୍ବରୁ ମୁଁ ଶୁକ୍ରବାର ଖୁତ୍‌ବା ଦେଇଥିଲି । ସେହି ଖୁତ୍‌ବାକୁ ସମସ୍ତ କର୍ମକର୍ତ୍ତାମାନେ ଶୁଣନ୍ତୁ । UK ଶୁରା ଅବସରରେ ମୁଁ ଯେଉଁ ଉଦ୍‌ବୋଧନ ଦେଇଥିଲି ସେହି ଉଦ୍‌ବୋଧନକୁ ମଧ୍ୟ ସମସ୍ତ କର୍ମକର୍ତ୍ତାମାନେ ଶୁଣନ୍ତୁ । ହୁଜୁର ଅନ୍‌ୱର କହିଲେ, ମୋତେ ଚୌଧୁରୀ ଜହୁର ବାଜୱା ସାହେବ ଜଣାଇଥିଲେ ଯେ, ହଜରତ୍ ମିର୍ଜା ଶରୀଫ୍ ଅହମଦ ସାହେବ ନାଜିର୍ ଇସ୍‌ଲାହ୍-ଓ-ଇର୍ଶାଦ୍ ଥିଲେ, ସେହି ସମୟରେ ଯେତେବେଳେ ଶ୍ରୀଯୁକ୍ତ ଜହୁର୍ ଅହମ୍ମଦ ବାଜ୍‌ୱା ସାହେବ (ସ୍ୱର୍ଗତ) ନାଏବ ନାଜିର୍ ଇସ୍‌ଲାହ୍-ଓ-ଇର୍ଶାଦ୍ ହେଲେ, ସେତେବେଳେ ହଜରତ୍ ମିର୍ଜା ଶରୀଫ୍ ଅହମ୍ମଦ ସାହେବ ତାଙ୍କୁ ବୁଝାଇଥିଲେ ଯେ ଆପଣ ନାଏବ ନାଜିର୍ ହୋଇଛନ୍ତି । ଏହି କଥା ସଦା ସର୍ବଦା ମନେରଖନ୍ତୁ ଯେ କୌଣସି ବ୍ୟକ୍ତିକୁ ଅହମଦିୟତ୍‌ରେ ସାମିଲ୍ କରିବା ବହୁତ କଷ୍ଟକର କାର୍ଯ୍ୟ ଅଟେ । କିନ୍ତୁ କାହାକୁ ଦୂରେଇ ଦେବା (ଜମାଅତରୁ ହୁଡ଼ରେଇ  ଦେବା ଏଭଂ ଓହରାଇ ଦେବା) ବହୁତ ସହଜ କାମ ଅଟେ । ତେଣୁ କର୍ମକର୍ତ୍ତାମାନେ ନିଜର ବ୍ୟବହାରକୁ ପରିବର୍ତ୍ତନ କରିବା ଉଚିତ୍ ଏବଂ ପ୍ରତ୍ୟେକଙ୍କ ସହିତ ପ୍ରେମ ଓ ଭଲପାଇବାର ବ୍ୟବହାର ପ୍ରଦର୍ଶନ କରିବା ଉଚିତ୍ ।

ହୁଜୁର ଅନ୍‌ୱର କହିଲେ, ସମସ୍ତ ଜମାତ୍‌ଅର ସେକ୍ରେଟେରୀ ତର୍ବିୟତ୍‌ମାନେ ରିଫ୍ରେସର କୋର୍ସ କରନ୍ତୁ ଯଦ୍ଦ୍ୱାରା ସେମାନଙ୍କର ଟ୍ରେନିଂ ହୋଇପାରିବ । ସେମାନଙ୍କୁ ଜଣାପଡ଼ିବ ଯେ କିପରି କାମ କରିବାକୁ ପଡ଼ିଥାଏ ଏବଂ ପ୍ରତ୍ୟେକଙ୍କୁ ସାଙ୍ଗରେ ନେଇ ଚାଲିବାକୁ ହେବ, କିପରି ବିଚକ୍ଷଣତା (ହିକ୍‌ମତ୍)ର ସହିତ ତର୍ବିୟତ୍ (ସଂସ୍କାର) କରି ନିଜ ସହିତ ଯୋଡ଼ିବାକୁ ହେବ ଏବଂ ଯେଉଁମାନେ ଦୂରେଇ ଯାଇଛନ୍ତି ସେମାନଙ୍କୁ କିପରି ନିକଟବର୍ତ୍ତୀ କରାଇବାକୁ ହେବ । ହୁଜୁର ଅନ୍‌ୱର କହିଲେ, "ସାକ୍ଷାତ ସମୟରେ ମୋ ସାମ୍ନାକୁ ପାଞ୍ଚଟି କେସ୍ ଆସିଛି । **(ଅବଶିଷ୍ଟାଂଶ......ପରବର୍ତ୍ତୀ ସଂଖ୍ୟାରେ)**

## ହ. ଖଲିଫତୁଲ୍ ମସିହ୍ ଖାମିସ୍ (ଜମାଅତ୍ ଅହମଦିୟାର ପଞ୍ଚମ ଖଲିଫା)ଅ.ବଙ୍କ ୨୦୧୩ର ଅଷ୍ଟ୍ରେଲିଆ ଗସ୍ତ ।

**ସିଡ୍‌ନୀରୁ ବ୍ରିସ୍‌ବେନ୍ ଅଭିମୁଖେ ପ୍ରସ୍ଥାନ । ବ୍ରିସ୍‌ବେନ୍ ଠାରେ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ଦ୍ୱାରା ହୁଜୁର ଅନ୍‌ୱରଙ୍କୁ ଅତ୍ୟନ୍ତ ଭାବପୂର୍ଣ୍ଣ ପ୍ରେମ ଓ ଉତ୍ସାହର ସହିତ ସ୍ୱାଗତ । ବ୍ରିସ୍‌ବେନ୍‌ର ଅହମଦିୟା ସେଣ୍ଟର ପରିଦର୍ଶନ ଓ ନିରୀକ୍ଷଣ । "ମସ୍‌ଜିଦେ ମସ୍ରୁର୍" (ବ୍ରିସ୍‌ବେନ୍)ର ଶୁଭୋଦ୍‌ଘାଟନ ସମ୍ବନ୍ଧରେ ବିଶେଷ ସମାରୋହର ଆୟୋଜନ ।**

**ଏହା ଆମର ସୌଭାଗ୍ୟ ଏବଂ ଆମ ପାଇଁ ସମ୍ମାନର ବିଷୟ ଯେ, ହ. ଖଲିଫତୁଲ ମସିହ୍ ଖାମିସ୍ ଆମମାନଙ୍କ ପାଖକୁ ବିଜେ କରିଛନ୍ତି (ଆସିଛନ୍ତି) । ଆପଣ ଅ.ବଙ୍କ ସନ୍ଦେଶ ଏକ ଜୀବନ୍ତ ସନ୍ଦେଶ ଅଟେ ଏବଂ ଆପଣ ଅ.ବଙ୍କ କମ୍ୟୁନିଟି (ସଂପ୍ରଦାୟ) ଏହି ସନ୍ଦେଶକୁ କେବଳ ବୁଝେ ନାହିଁ, ବରଂ ପ୍ରତ୍ୟେକ ଦିନ ନିଜର ଆଚରଣ ମାଧ୍ୟମରେ ଏହାକୁ ସଂପ୍ରସାରିତ କରିବାକୁ ଚେଷ୍ଟା ମଧ୍ୟ କରିଥାଏ ।**

**ଅହମଦିୟା ମୁସ୍‌ଲିମ୍ କମ୍ୟୁନିଟି, ଯାହାକି ଏକ ଭିନ୍ନ ସଂସ୍କୃତି ଓ ଧାର୍ମିକ ମୂଲ୍ୟବୋଧର ପ୍ରତିନିଧିତ୍ୱ କରିଥାଏ, ଆମ ସହିତ ମିଶି କାମ କରିଥାଏ ଏବଂ ସମସ୍ତ ଲୋକଙ୍କ ସହିତ ସମ୍ମାନପୂର୍ବକ ବ୍ୟବହାର କରିଥାଏ । ଆପଣମାନେ ଉଚ୍ଚ ନୈତିକ ସାହସର ପରିଚୟ ଦେଇଥାଆନ୍ତି ।**

**(ସମାରୋହରେ କିଛି ବିଶିଷ୍ଟ ଅତିଥିଙ୍କ ସମ୍ବୋଧନ ବା ଉଦ୍‌ବୋଧନ)**

**ଅଲ୍ଲାଃତାଲା ମୁସଲମାନମାନଙ୍କୁ ଲୋକମାନଙ୍କ ଅଧିକାର (ହୁକୁକୁଲ ଇବାଦ୍)ର ନିର୍ବାହ ତଥା ସମ୍ପାଦନ, ସମଗ୍ର ମାନବସମାଜର ସେବା ଏବଂ ସଦାସର୍ବଦା ନ୍ୟାୟପୂର୍ବକ କାର୍ଯ୍ୟ କରିବାକୁ ଆଦେଶ ଦେଇଛନ୍ତି । ଯଦି କୌଣସି ବ୍ୟକ୍ତି ଏହି ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବୋଧଗୁଡ଼ିକୁ ନିଜର ଦୈନନ୍ଦିନ ଜୀବନରେ ଆପଣାଇବାରେ ବିଫଳ ହୁଏ, କିନ୍ତୁ ଏହା ସତ୍ତ୍ୱେ ନିୟମିତ ଭାବେ ମସ୍‌ଜିଦ୍ ଆସେ, ତେବେ ତାଙ୍କର ଇବାଦତ୍ (ଉପାସନା)ପ୍ରାର୍ଥନା ବ୍ୟର୍ଥ ହେବ ଏବଂ ନିରାଶାର କାରଣ ହେବ । ପ୍ରକୃତ ଉପାସନାର ଦାବି ହେଉଛି ନିଃସ୍ୱାର୍ଥପର ଭାବେ ଲୋକମାନଙ୍କର ଅଧିକାର ସମ୍ପାଦନ କରିବା ତଥା ଦାୟିତ୍ୱ ନିର୍ବାହ କରିବା । ଲୋକମାନଙ୍କ ଅଧିକାର (ହୁକୁକୁଲ ଇବାଦ୍) ଏବଂ ଅଲ୍ଲାଃ ତାଆଲାଙ୍କ ଉପାସନା ମଧ୍ୟରେ ଏକ ଅତ୍ୟନ୍ତ ସୂକ୍ଷ୍ମ ଓ ଗଭୀର ସମ୍ପର୍କ ରହିଛି ।**

**ଆମ ହୃଦୟରେ ଥିବା ପ୍ରେମ ଏବଂ ମାନବତା ପ୍ରତି ସହାନୁଭୂତି ହିଁ ସେହି ଭାବନା, ଯାହା ଯୋଗୁଁ ଅହମଦିୟା ଜମାଅତ୍ ସବୁ ସ୍ତରରେ ବିଶ୍ୱର ନେତାମାନଙ୍କ ଧ୍ୟାନ ବିଶ୍ୱରେ ଶାନ୍ତି ଓ ନ୍ୟାୟ ପ୍ରତିଷ୍ଠା ଦିଗରେ ଧ୍ୟାନ ଆକୃଷ୍ଟ କରିବାକୁ ସକ୍ଷମ ହୋଇପାରିଛି ।**

**(ମସ୍‌ଜିଦ୍ ମସ୍ରୁର୍‌ର ଉଦ୍‌ଘାଟନ ଅବସରରେ ଆୟୋଜିତ ସମାରୋହରେ ହୁଜୁର ଅନ୍‌ୱର ଅ.ବଙ୍କ ଉଦ୍‌ବୋଧନ)**

**ଏହି ଉଦ୍‌ବୋଧନ ଏହି ମସଜିଦ୍ ସଂପର୍କରେ ସମସ୍ତଙ୍କୁ ସନ୍ତୁଷ୍ଟ କରିଦେଇଛି ।**
**ଆପଣଙ୍କ ଆକର୍ଷଣୀୟ ସନ୍ଦେଶ ଅତ୍ୟନ୍ତ ବୁଦ୍ଧିମତ୍ତା ଦ୍ୱାରା ପରିପୂର୍ଣ୍ଣ ଥିଲା ।**
**ହୁଜୁର ଅନ୍‌ୱର ଜଣେ ବିଶ୍ୱସ୍ତରୀୟ ଧର୍ମଗୁରୁ ଅଟନ୍ତି । ଆପଣଙ୍କ ଉଦ୍‌ବୋଧନ ଅତ୍ୟନ୍ତ ଅସାଧାରଣ ଥିଲା ।**
**ଆପଣଙ୍କ ସନ୍ଦେଶ ସମଗ୍ର ବିଶ୍ୱ ପାଇଁ ଆଶାର ଏକ କିରଣ ଅଟେ ।**

**(ସମାରୋହରେ ସାମିଲ ହୋଇଥିବା ଅତିଥିମାନଙ୍କର ପ୍ରତିକ୍ରିୟା ଓ ମନ୍ତବ୍ୟ)**

**ବ୍ୟକ୍ତିଗତ ଏବଂ ପାରିବାରିକ ସାକ୍ଷାତ୍ । ମସ୍‌ଜିଦ୍ ମସ୍ରୁର୍, ବ୍ରିସ୍‌ବେନ୍‌ରୁ ଶୁକ୍ରବାରର ଖୁତ୍‌ବା (ଧର୍ମୋପଦେଶ) ସହିତ ଉଦ୍‌ଘାଟନ । ଆମିନ୍ ସମାରୋହ । ବ୍ରିସ୍‌ବେନ୍‌ର ଉପନଗରୀୟ ଅଞ୍ଚଳ ଭ୍ରମଣ । ନିକାହ୍ (ବିବାହ) ଘୋଷଣା । ବ୍ରିସ୍‌ବେନ୍‌ରୁ ସିଡନୀ ପ୍ରତ୍ୟାବର୍ତ୍ତନ ।**

2013 ମସିହା ଅକ୍ଟୋବର ମାସ 21 ତାରିଖ ସୋମବାର ଦିନ

ହୁଜୁର ଅନ୍‌ୱର୍ ଅ.ବ ଆୟେଦହୁଲ୍ଲାଃହୁ ତାଆଲା ବିନସ୍ରିହିଲ୍ ଅଜିଜ୍ ଅ.ବ ସକାଳ 5ଟା ବାଜି 10 ମିନିଟ୍‌ରେ "ମସ୍‌ଜିଦ୍ ବୈତୁଲ୍ ହୁଦା" ଠାରେ ବିଜେ କଲେ ଏବଂ ଫଜର୍ ନମାଜ୍ ପାଠ କରାଇଲେ । ନମାଜ୍ ପାଠ କରି ସାରିବା ପରେ ହୁଜୁର ଅନ୍‌ୱର୍ ଅ.ବ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରିହିଲ୍ ଅଜିଜ୍ ଅ.ବ ନିଜର ରହଣୀ ସ୍ଥଳକୁ ପ୍ରସ୍ଥାନ କଲେ।

ସକାଳେ ହୁଜୁର ଅନ୍‌ୱର୍ ଅ.ବ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରିହିଲ୍ ଅଜିଜ୍ ଅ.ବ ବିଶ୍ୱର ବିଭିନ୍ନ ଦେଶରୁ ପ୍ରାପ୍ତ ଡାକ, ଫ୍ୟାକ୍‌ସ, ଚିଠି ଏବଂ ରିପୋର୍ଟର ଅନୁଧ୍ୟାନ କଲେ ତଥା ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କଲେ ।

11ଟା ବାଜି ୨୦ ମିନିଟ୍‌ରେ ହୁଜୁର ଅନ୍‌ୱର୍ ଅ.ବ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରିହିଲ୍ ଅଜିଜ୍ ଅ.ବ ନିଜ କାର୍ଯ୍ୟାଳୟକୁ ଆସିଲେ । ମୌଲବୀ ନଜୀରୁଲ ହସନ୍ ଥାନୱୀ ସାହେବ ହୁଜୁର ଅନୱର୍ ଅ.ବଙ୍କୁ ସାକ୍ଷାତ କରିବା ପାଇଁ ଆସିଥିଲେ । ତେଣୁ ସେ ହୁଜୁର ଅନ୍‌ୱର୍ ଅ.ବ ଅୟେଦହୁଲ୍ଲାଃହୁ ତାଆଲାଙ୍କ ସହିତ ସାକ୍ଷାତ୍ କଲେ । ଏହି ସାକ୍ଷାତ୍ ପ୍ରାୟ ୨୦ ମିନିଟ୍ ଧରି ଚାଲିଲା । ଏହା ପରେ ହୁଜୁର ଅନ୍‌ୱର୍ ଅ.ବ ନିଜର ରହଣୀ ସ୍ଥାନକୁ ପ୍ରସ୍ଥାନ କଲେ ।

ଆଜି ସିଡ୍‌ନୀର ଉପନଗରୀୟ ଅଞ୍ଚଳ ଭ୍ରମଣ, ସିଡ୍‌ନୀ ଜମାଅତ୍ ସିଡ୍‌ନୀ ସହରର ଏକ ମନୋରମ ସ୍ଥାନରେ ଭ୍ରମଣର କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲା । ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରିହିଲ୍ ଅଜିଜ୍ ଅ.ବ ଅପରାହ୍ନ 1.00 ଠାରେ ନିଜ ରହଣୀସ୍ଥଳରୁ ବାହାରକୁ ଆସିଲେ ଏବଂ ଭ୍ରମଣ ପାଇଁ ପ୍ରସ୍ଥାନ କଲେ ।

ସିଡ୍‌ନୀ ସହରର ଗୋଟିଏ ପାଖରେ "ମସ୍‌ଜିଦ୍ ବୈତୁଲ୍ ହୁଦା" ଠାରୁ ପ୍ରାୟ ଦେଢ ଘଣ୍ଟା ଦୂରତାରେ ସମୁଦ୍ର କୂଳରେ ସବୁଜ ପାହାଡ଼ର ଏକ ଦୀର୍ଘ ପର୍ବତ ଶୃଙ୍ଖଳା ବିଦ୍ୟମାନ ରହିଛି । ଉକ୍ତ ପର୍ବତ ଏବଂ ସମୁଦ୍ର ମଧ୍ୟରେ ଅନେକ ଜନବସତି ଗଢ଼ି ଉଠିଛି। ଏହି ସମ୍ପୂର୍ଣ୍ଣ ଅଞ୍ଚଳଟି ଅତ୍ୟନ୍ତ ସୁନ୍ଦର, ମନୋରମ ଏବଂ ମନମୁଗ୍ଧକର ଉପତ୍ୟକାରେ ପୂର୍ଣ୍ଣ । ଏଠାରେ ଏକ ଉଚ୍ଚ ସ୍ଥାନରେ ଅବସ୍ଥିତ Panorama House ନାମକ ରେଷ୍ଟୁରାଣ୍ଟ ଠାରେ କାର୍ଯ୍ୟକ୍ରମ ଅନୁସାରେ ମଧ୍ୟାହ୍ନ ଭୋଜନ କରାଗଲା । ଏହା ପରେ ସେଠାରୁ ପ୍ରସ୍ଥାନ କରି ହୁଜୁର ଅନ୍‌ୱର୍ ଅ.ବ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରିହିଲ୍ ଅଜିଜ୍ ଅ.ବ ବିଭିନ୍ନ ସ୍ଥାନରୁ ଏହି ସୁନ୍ଦର ଅଞ୍ଚଳକୁ ଅନୁଧ୍ୟାନ କଲେ ଏବଂ ତାହାର ଭିଡିଓ ମଧ୍ୟ ବନାଇଲେ ଏବଂ କିଛି ସମୟ ପର୍ଯ୍ୟନ୍ତ ସେଠାରେ ଭ୍ରମଣ କଲେ । 4ଟା ବାଜି 45 ମିନିଟ୍ ସମୟରେ ସେଠାରୁ ଫେରିବା ପାଇଁ ପ୍ରସ୍ଥାନ କଲେ ଏବଂ ସନ୍ଧ୍ୟା ୬ଟାରେ ହୁଜୁର ଅନ୍‌ୱର୍ ଅ.ବ "ମସ୍‌ଜିଦ୍ ବୈତୁଲ୍ ହୁଦା" ଅଭିମୁଖେ ପ୍ରସ୍ଥାନ କଲେ। ଏହା ପରେ କିଛି ସମୟ ପାଇଁ ଆପଣ ଅ.ବ ନିଜର ରହଣୀ ସ୍ଥାନକୁ ଗଲେ ।

ଆଜି ଖୁଦ୍ଦାମୁଲ୍ ଅହମଦିୟା ଅଷ୍ଟ୍ରେଲିଆ ଏକ ଫୁଟବଲ୍ ମ୍ୟାଚର ଆୟୋଜନ କରିଥିଲା । ଖୁଦ୍ଦାମ୍‌ମାନଙ୍କର ଦୁଇଟି ଟିମ୍ ଗଠନ କରାଯାଇଥିଲା । ଗୋଟିଏ ଟିମ୍‌ରେ 30 ବର୍ଷରୁ ଉର୍ଦ୍ଧ୍ୱ ବୟସର ଖୁଦ୍ଦାମମାନେ ସାମିଲ୍ ଥିଲେ ଏବଂ ଅନ୍ୟ ଟିମ୍‌ରେ 30 ବର୍ଷରୁ କମ୍ ବୟସର ଖୁଦ୍ଦାମମାନେ ସାମିଲ ଥିଲେ । 6 ଟା ବାଜି 50 ମିନିଟ୍‌ରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରିହିଲ୍ ଅଜିଜ୍ ସ୍ନେହପୂର୍ବକ ନିଜ ଖୁଦ୍ଦାମ୍‌ଙ୍କର ଏହି ମ୍ୟାଚ୍ ଦେଖିବା ପାଇଁ ଆସିଲେ । ହୁଜୁର ଅନ୍‌ୱର୍ ଅ.ବଙ୍କ ଆଗମନରେ ଦୁଇଟି ଯାକ ଟିମ୍ ଗୋଟିଏ ଧାଡ଼ିରେ ଛିଡ଼ା ହୋଇଥିଲେ। ହୁଜୁର ଅନୱର୍ ଅ.ବ ସମସ୍ତ ଖେଳାଳୀଙ୍କ ସହିତ ହାତ ମିଳାଇ ସେମାନଙ୍କୁ ସମ୍ମାନ ପ୍ରଦାନ କଲେ ଏବଂ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ଦୁଆ (ପ୍ରାର୍ଥନା) ମଧ୍ୟ କରାଇଲେ । ମ୍ୟାଚ୍‌ର ଅବଧି ପ୍ରାୟ ଅଧା ଘଣ୍ଟା ଅର୍ଥାତ୍ 30 ମିନିଟ୍ ସମୟ ଥିଲା । ମ୍ୟାଚ୍ ବରାବରରେ (ଅମୀମାଂସିତରେ) ଶେଷ ହେଲା । ଏହା ପରେ ପେନାଲ୍ଟି ସୁଟ୍ ଆଉଟ୍ ମାଧ୍ୟମରେ 30 ବର୍ଷରୁ ଉର୍ଦ୍ଧ୍ୱ ବୟସର ଖେଳାଳୀଙ୍କ ଟିମ୍ (ଦଳ) ବିଜେତା ହେଲା ।

ହୁଜୁର ଅନ୍‌ୱର୍ ଅ.ବ ସ୍ନେହପୂର୍ବକ ବିଜେତା ଟିମ୍‌କୁ ଟ୍ରଫି ପ୍ରଦାନ କଲେ ତଥା ଦୁଇଟିଯାକ ଟିମ୍‌ର ଖେଳାଳୀଙ୍କୁ ପୁରସ୍କାର ମଧ୍ୟ ପ୍ରଦାନ କଲେ । ଏହା ପରେ ଦୁଇଟିଯାକ ଟିମ୍‌ର ଖେଳାଳୀମାନେ ଆଉ ଥରେ ହୁଜୁର ଅନ୍‌ୱର୍ ଅ.ବଙ୍କ ସହିତ ହାତ ମିଳାଇବାର ସମ୍ମାନ ଅର୍ଜନ କଲେ ଏବଂ ଅଲଗା ଅଲଗା ଗ୍ରୁପ୍‌ରେ ଫଟୋ ମଧ୍ୟ ଉଠାଇଲେ । ଦୁଇଟିଯାକ ଟିମ୍ ଫିଜି ଦ୍ୱୀପସମୂହ ଏବଂ ପାକିସ୍ତାନ ସହିତ ସମ୍ପର୍କ ରଖୁଥିବା ସେହି ଖୁଦ୍ଦାମ୍‌ଙ୍କ ଉପରେ ଆଧାରିତ ଥିଲା, ଯେଉଁମାନେ ଏବେ ଅଷ୍ଟ୍ରେଲିଆରେ ହିଁ ସ୍ଥାୟୀ ଭାବେ ବସବାସ କରୁଛନ୍ତି ।

ମ୍ୟାଚ୍ ଚାଲିଥିବା ସମୟରେ ଜଣେ ଖାଦିମ୍‌ଙ୍କୁ ଆଘାତ ଲାଗିଥିଲା ଓ ସେ ଆହତ ମଧ୍ୟ ହୋଇଥିଲେ । ଫେରିବା ସମୟରେ ହୁଜୁର ଅନ୍‌ୱର୍ ଅ.ବ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରିହିଲ୍ ଅଜିଜ୍ ଅ.ବ ସ୍ନେହପୂର୍ବକ ସେହି ଖାଦିମ୍‌ଙ୍କ ପାଖକୁ ଗଲେ, ଯାହାଙ୍କୁ ପଡ଼ିଆ ବାହାରେ ଚିକିତ୍ସା ସହାୟତା ଦିଆଯାଇଥିଲା ଏବଂ ହୁଜୁର ଅନୱର୍ ଅ.ବ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ କୁଶଳତା ଏବଂ ମଙ୍ଗଳ କାମନା ମଧ୍ୟ କଲେ । ଫିଜିର ସେହି ଖାଦିମ୍ କେତେ ସୌଭାଗ୍ୟଶାଳୀ ଥିଲେ ଯେ ତାଙ୍କୁ ନିଜର ପ୍ରିୟ ଆକାଙ୍କର ଅପାର ମମତା ଓ ପ୍ରେମ ପ୍ରାପ୍ତ ହେଲା । ଏହା ପରେ ହୁଜୁର ଅନ୍‌ୱର୍ ଅ.ବ ସେଠାରୁ ଫେରି ଲଙ୍ଗର୍‌ଖାନା (ରୋଷେଇ ଘର ବା ଭୋଜନାଳୟ) କୁ ପ୍ରସ୍ଥାନ କଲେ। ହୁଜୁର ଅନ୍‌ୱର୍ ଅ.ବ କର୍ମଚାରୀମାନଙ୍କୁ ସନ୍ଧ୍ୟା ଭୋଜନ ଅବଶିଷ୍ଟାଂଶ..ପୃ-09 ରେ

## ହ. ଖଲିଫତୁଲ୍ ମସିହ୍ ଖାମିସ୍ (ଜମାଅତ୍ ଅହମଦିୟାର ପଞ୍ଚମ ଖଲିଫା)ଅ.ବଙ୍କ ୨୦୧୩ର ଅଷ୍ଟ୍ରେଲିଆ ଗସ୍ତ ।

**☆...ଆଷ୍ଟ୍ରେଲିଆର ଏକ ସରକାରୀ ରେଡିଓ ଷ୍ଟେସନ୍ SBSର ପ୍ରତିନିଧିଙ୍କ ହୁଜୁର ଅନ୍‌ୱରଙ୍କ ସହିତ ସାକ୍ଷାତ୍‌କାର (ଇଣ୍ଟରଭ୍ୟୁ) ।**

**☆... ବ୍ୟକ୍ତିଗତ ଓ ପାରିବାରିକ ସାକ୍ଷାତ୍ । ଶତାଧିକ ବ୍ୟକ୍ତିମାନେ ନିଜର ପ୍ରିୟ ମୁନିବଙ୍କ ସହିତ ବ୍ୟକ୍ତିଗତ ଭାବେ ସାକ୍ଷାତ୍ କରିବାର ସୌଭାଗ୍ୟ ଅର୍ଜନ କଲେ ।**

**☆...ହସନ୍ ମୁସା ଲାଇବ୍ରେରୀ ପରିଦର୍ଶନ । ... ଆମୀନ୍ ସମାରୋହ ।**

**☆...ଅଧୀନସ୍ଥ ଗୋଷ୍ଠୀ ଲଜ୍‌ନା ଇମାଇଲ୍ଲାଃ, ଖୁଦ୍ଦାମୁଲ୍ ଅହମ୍ମଦିୟା, ମଜଲିସ୍ ଅନ୍‌ସାରୁଲ୍ଲାଃର ଜାତୀୟ କାର୍ଯ୍ୟକାରିଣୀ କମିଟି (ନେସ୍‌ନାଲ ମଜଲିସ୍-ଏ-ଆମିଲା) ଏବଂ ଜମାଅତ୍ ଅହମଦିୟା ଆଷ୍ଟ୍ରେଲିଆର ଜାତୀୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟମାନଙ୍କ ସହିତ ହୁଜୁର ଅନ୍‌ୱର ଅୟେଦହୁଲ୍ଲାଃହୁଙ୍କ ପୃଥକ ପୃଥକ ବୈଠକ । ବିଭିନ୍ନ ବିଭାଗର କାର୍ଯ୍ୟଦକ୍ଷତାର ସମୀକ୍ଷା ଏବଂ ହୁଜୁର ଅୟେଦହୁଲ୍ଲାଃହୁଙ୍କ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ।**

(ରିପୋର୍ଟ ପ୍ରସ୍ତୁତକର୍ତ୍ତା: ଅବ୍ଦୁଲ୍ ମାଜିଦ୍ ତାହିର୍ ସାହେବ । ଏଡିସ୍‌ନାଲ୍ ୱକିଲ୍ ଅଲ୍-ତବ୍‌ଶୀର୍ ଲଣ୍ଡନ୍)

ନେସ୍‌ନାଲ ମଜ୍‌ଲିସ୍-ଏ-ଆମିଲା (ଜାତୀୟ କାର୍ଯ୍ୟକାରିଣୀ କମିଟି) ଜମାଅତେ ଅହମଦିୟା ଅଷ୍ଟ୍ରେଲିଆ ସହିତ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ ଅଜିଜ୍‌ଙ୍କ ବୈଠକ ।

ଏହା ପରେ କାର୍ଯ୍ୟକ୍ରମ ଅନୁସାରେ "ନେସ୍‌ନାଲ ମଜ୍‌ଲିସ୍-ଏ-ଆମିଲା ଜମାଅତେ ଅହମଦିୟା ଅଷ୍ଟ୍ରେଲିଆ" ସହିତ ହୁଜୁର ଅନୱର ଅ.ବଙ୍କ ବୈଠକ ଆରମ୍ଭ ହେଲା ଏବଂ ହୁଜୁର ଅନ୍‌ୱର ଅ.ବ ଦୁଆ କରାଇଲେ । ତତ୍‌ପଶ୍ଚାତ୍ ହୁଜୁର ଅନ୍‌ୱର ଜେନ୍‌ରାଲ୍ ସେକ୍ରେଟେରୀ ସାହେବଙ୍କୁ ଜମାଅତଗୁଡ଼ିକର ସଂଖ୍ୟା ଏବଂ ସେମାନଙ୍କ ତରଫରୁ ମିଳୁଥିବା ରିପୋର୍ଟର ନିୟମିତତା (ନିୟମାନୁବର୍ତ୍ତୀ) ବିଷୟରେ ପଚାରିଲେ, ପ୍ରତ୍ୟୁତ୍ତରରେ ଜେନେରାଲ ସେକ୍ରେଟେରୀ ସାହେବ ଜଣାଇଲେ ଯେ, ହୁଜୁର୍ ଆମର ଜମାଅତ୍‌ଗୁଡ଼ିକର ସଂଖ୍ୟା ଦଶ ଅଟେ ଏବଂ ଏହି ଜମାଅତ୍‌ଗୁଡ଼ିକରୁ ଆମକୁ ମାସିକ ରିପୋର୍ଟ ହସ୍ତଗତ ହୋଇଥାଏ ।

ସେକ୍ରେଟେରୀ ମାଲ୍‌ଙ୍କ ସହିତ ହୁଜୁର ଅନ୍‌ୱର ଅୟେଦହୁଲ୍ଲାଃହୁ ତାଆଲା ଜମାଅତ୍‌ର ବାର୍ଷିକ ବଜେଟ୍, ଚାନ୍ଦା ଦାତାଙ୍କ ସଂଖ୍ୟା, ରୋଜଗାର କରୁଥିବା ଲୋକଙ୍କ ସଂଖ୍ୟା ଏବଂ ସେମାନଙ୍କ ରୋଜଗାରର ମାନ ବିଷୟରେ ବିସ୍ତୃତ ସମୀକ୍ଷା କଲେ ଏବଂ କହିଲେ ଯେ ମାନ ଓ ସ୍ତର ଭଲ ଅଛି । ସେକ୍ରେଟେରୀ ମାଲ୍ ଯଥେଷ୍ଟ ପରିଶ୍ରମ କରିଛନ୍ତି । ସେକ୍ରେଟେରୀ ମାଲ୍ ଜଣାଇଲେ ଯେ ରୋଜଗାର କରୁଥିବା ସଦସ୍ୟଙ୍କ ସଂଖ୍ୟା 1249 । ସେଥିମଧ୍ୟରୁ 941 ଜଣ ନିର୍ଦ୍ଧାରିତ ହାରରେ (ବାଶରାଃ) ଚାନ୍ଦା ଦିଅନ୍ତି ଏବଂ 308 ଜଣ ଅଣନିର୍ଦ୍ଧାରିତ ହାରରେ (ବେଶରାଃ) ଦିଅନ୍ତି, ଏବଂ 941 ଜଣ ନିର୍ଦ୍ଧାରିତ ଚାନ୍ଦା ଦାତାଙ୍କ ମଧ୍ୟରୁ 874 ଜଣ ମୁସୀ (ୱସିୟତ୍ କରିଥିବା ବ୍ୟକ୍ତି) ଅଟନ୍ତି । ସେକ୍ରେଟେରୀ ୱସାୟାଙ୍କୁ ହୁଜୁର ଅନ୍‌ୱର ଅ.ବ ପଚାରିଲେ ଯେ ମୁସୀ ମହିଳାମାନଙ୍କ ସଂଖ୍ୟା କେତେ ? ପ୍ରତ୍ୟୁତ୍ତରରେ ସେ ଜଣାଇଲେ ଯେ 874 ଜଣ ମୁସୀଙ୍କ ମଧ୍ୟରୁ 327 ଜଣ ମହିଳା ମୁସୀ ଅଟନ୍ତି । ସେମାନଙ୍କ ମଧ୍ୟରୁ କିଛି ମହିଳା ରୋଜଗାର କରନ୍ତି ଏବଂ ନିଜ ଆୟ ଆନୁଯାୟୀ ଚାନ୍ଦା ଦିଅନ୍ତି, ବାକି ଯେଉଁମାନେ ରୋଜଗାର କରନ୍ତି ନାହିଁ ସେମାନେ ବାର୍ଷିକ 180 ଡଲାର (ପ୍ରତି ମାସରେ 15 ଡଲାର ହିସାବରେ ତଥା ହାରରେ) ଚାନ୍ଦା ଦିଅନ୍ତି ।

ହୁଜୁର ଅନ୍‌ୱର କହିଲେ: "ଯେଉଁମାନେ ରୋଜଗାର କରୁଛନ୍ତି, ସେମାନଙ୍କର 50 ପ୍ରତିଶତ ମୁସୀ ହେବା ଉଚିତ୍ । ଆପଣଙ୍କ ମୁସୀମାନଙ୍କର ଯେଉଁ ମୋଟ ସଂଖ୍ୟା ଅଛି, ସେଥିରେ ଏକ ବଡ଼ ସଂଖ୍ୟା ଏପରି ଅଛି ଯେଉଁମାନେ ରୋଜଗାର କରୁ ନାହାନ୍ତି । ତେଣୁ ଏହି ଦିଗରୁ ସମୀକ୍ଷା କରି ନିଜର 50 ପ୍ରତିଶତ ଲକ୍ଷ୍ୟ ପୂରଣ କରନ୍ତୁ । ହୁଜୁର ଅନ୍‌ୱର ଅ.ବ କହିଲେ, ଏବେ ବି ଆପଣ ରୋଜଗାର କରୁଥିବା ଲୋକମାନଙ୍କ ମଧ୍ୟରୁ ଆହୁରି 150ରୁ ଉର୍ଦ୍ଧ୍ୱ ମୁସି ତିଆରି କରିପାରିବେ । ଏତିକି ତ' ସୁଯୋଗ ରହିଛି ।

ହୁଜୁର ଅନ୍‌ୱର ଅ.ବ କହିଲେ, ଆପଣ ମୁସୀମାନଙ୍କଠାରୁ କେବଳ ଟଙ୍କା ସଂଗ୍ରହ କରିବେ ନାହିଁ ବରଂ ସେମାନଙ୍କର ଧାର୍ମିକ ଓ ନୈତିକ ତାଲିମ୍ (ତର୍ବିୟତ୍ ଅର୍ଥାତ୍ ସଂସ୍କାର) ମଧ୍ୟ ହେବା ଉଚିତ୍ । ଚାନ୍ଦା କୌଣସି ଟିକସ (TAX) ନୁହେଁ । ମୁସୀମାନଙ୍କୁ ସତ୍‌କର୍ମ, ପୁଣ୍ୟ ଏବଂ ଧର୍ମପରାୟଣତାର ଉଚ୍ଚ ସ୍ତରରେ ପ୍ରତିଷ୍ଠିତ ହେବା ଉଚିତ୍ ଏବଂ ଏଥିପ୍ରତି ଅଧିକ ଧ୍ୟାନ ଦିଆଯିବା ଉଚିତ୍ । ସେମାନଙ୍କର ଚାନ୍ଦା ଆଲ୍ଲାଃ ତାଆଲାଙ୍କ ପ୍ରସନ୍ନତା ହାସଲ କରିବା ପାଇଁ ହେବା ଉଚିତ୍ । ନେସ୍‌ନାଲ ସେକ୍ରେଟେରୀ ତର୍ବିୟତ୍‌ଙ୍କୁ ହୁଜୁର ଅନ୍‌ୱର ଅ.ବ ନିର୍ଦ୍ଦେଶ ଦେଇ କହିଲେ ଯେ ନମାଜ୍ ପ୍ରତି ଧ୍ୟାନ ନାହିଁ । ନମାଜ୍ ସେଣ୍ଟର ଏବଂ ମସ୍‌ଜିଦଗୁଡ଼ିକରେ ମଧ୍ୟ କମ୍ ଧ୍ୟାନ ରହିଛି । ଆପଣଙ୍କର ପାଖାପାଖି 500 ଜଣ ପୁରୁଷ ମୁସୀ ଅଛନ୍ତି ଯେଉଁଥିରେ 27 ଜଣ ଆପଣଙ୍କ ଆମିଲା (କାର୍ଯ୍ୟକାରିଣୀ) ର ସଦସ୍ୟ ଅଟନ୍ତି । ତା'ପରେ ଅନ୍‌ସାର ଓ ଖୁଦ୍ଦାମ୍‌ଙ୍କ ଆମିଲାର ସଦସ୍ୟ ରହିଛନ୍ତି । ଯଦି କେବଳ ଏହି ସଦସ୍ୟମାନେ ମସ୍‌ଜିଦ୍‌କୁ ଆସିବେ, ତେବେ ଉପସ୍ଥିତି (ସଂଖ୍ୟା) ବୃଦ୍ଧି ପାଇବ । ପୁଣି ପ୍ରତ୍ୟେକ ଜମାଅତ୍‌ର ନିଜସ୍ୱ ଆମିଲା ରହିଛି, ଖୁଦ୍ଦାମ୍ ଓ ଅନ୍‌ସାର୍‌ମାନଙ୍କ ପ୍ରତ୍ୟେକ ମଜ୍‌ଲିସ୍‌ର ଆମିଲା ରହିଛି । ଯଦି ଏହି ସବୁ ଲୋକ ନିଜ ନିଜ ହଲ୍‌କାରେ, ନିଜ ସେଣ୍ଟର୍‌ଗୁଡ଼ିକରେ ନମାଜ୍ ପାଇଁ ଆସିବେ, ତେବେ ଉପସ୍ଥିତି (ଉପସ୍ଥାନ ବା ହାଜିରି) ଅହୁରି ବଢ଼ିଯିବ । ତେଣୁ ସବୁଠାରୁ ପ୍ରଥମେ କର୍ମକର୍ତ୍ତାମାନଙ୍କୁ (ଓହଦେଦାର୍‌ମାନଙ୍କୁ) ଧ୍ୟାନ ଦେବା ଉଚିତ୍ ଏବଂ ନିଜର ଉଦାହରଣ ପ୍ରସ୍ତୁତ କରିବା ଉଚିତ୍ । କର୍ମକର୍ତ୍ତାମାନେ ଆସିବା ଆରମ୍ଭ କଲେ ଅନ୍ୟ ଲୋକମାନେ ମଧ୍ୟ ଆସିବେ । ତେଣୁ ନମାଜ୍‌ରେ ନିଜର ଉପସ୍ଥିତିକୁ ବୃଦ୍ଧି କରନ୍ତୁ । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: ପ୍ରଥମେ ସମସ୍ତ କର୍ମକର୍ତ୍ତାଙ୍କୁ ନମାଜ୍ ପ୍ରତି ଧ୍ୟାନ ଦେବାକୁ କୁହନ୍ତୁ। ତା'ପରେ ପବିତ୍ର କୁର୍‌ଆନର ଦୈନିକ ପାଠ (ତିଲାୱତ୍) ପ୍ରତି ଧ୍ୟାନ ଦିଅନ୍ତୁ। MTAରେ ଖୁତ୍‌ବା (ଧର୍ମୋପଦେଶ) ଶୁଣିବା ପ୍ରତି ଧ୍ୟାନ ଦିଅନ୍ତୁ । ସେକ୍ରେଟେରୀ ତର୍ବିୟତ୍‌ଙ୍କ ପାଖରେ ଖୁତ୍‌ବା ଶୁଣୁଥିବା ଲୋକଙ୍କ Data (ତଥ୍ୟ) ଥିବା ଉଚିତ୍ ।

ହୁଜୁର ଅନ୍‌ୱର ଅ.ବ କହିଲେ: ଖୁତ୍‌ବାରେ ତର୍ବିୟତ୍‌ର ଅନେକ Points (ମୁଖ୍ୟ ବିନ୍ଦୁ) ଥାଏ । ଯେଉଁ ସକ୍ରିୟ ଜମାଅତ୍‌ଗୁଡ଼ିକ ରହିଛନ୍ତି, ସେମାନେ ଏହି Points ଗୁଡ଼ିକୁ ବାହାର କରି ଆଗକୁ ନିଜର ସମସ୍ତ ସ୍ଥାନୀୟ ଜମାତ୍‌ଗୁଡ଼ିକୁ ସର୍କୁଲାର କରନ୍ତି । ଏଠାରେ ମଧ୍ୟ ସେହିପରି କରନ୍ତୁ ।

ହୁଜୁର ଅନ୍‌ୱର କହିଲେ: ଏଠାରେ ଅଷ୍ଟ୍ରେଲିଆରେ ସମ୍ପର୍କ (ବୈବାହିକ ସମ୍ପର୍କ) ଭାଙ୍ଗିବା ଆରମ୍ଭ ହୋଇଛି । କିଏ ପୁଅକୁ ଘରୁ ବାହାର କରିଦେଲାଣି ତ' ଆଉ କିଏ ଝିଅକୁ ଘରୁ ବାହାର କରିଦେଲାଣି । ଗୋଟିଏ ଇସ୍‌ଲାହି କମିଟି (ସୁଧାର କମିଟି) ଗଠନ କରାଯାଇଥିଲା । ତେଣୁ ଏହି କମିଟି ନିଜର ସକ୍ରିୟ ଭୂମିକା ଗ୍ରହଣ କରିବା ଉଚିତ୍। ଯଦି କୌଣସି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳି ଝଗଡ଼ା କିମ୍ବା ବଚ୍‌ସା ହେଉଛି ଏବଂ ଏପରି ସମସ୍ୟା ସାମ୍ନାକୁ ଆସୁଛି, ତେବେ ଆରମ୍ଭରୁ ହିଁ ଉଭୟଙ୍କୁ ବୁଝାଇ ସୁଝାଇ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରାଯିବା ଉଚିତ୍ । ତେଣୁ ସମସ୍ୟା ଶେଷ ପର୍ଯ୍ୟନ୍ତ ପହଞ୍ଚିବା ପୂର୍ବରୁ ସମାଧାନ କରିବା ଉଚିତ୍ । ଆରମ୍ଭରୁ ହିଁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ । ଯେତେବେଳେ କଥା ଚରମ ସୀମାରେ ପହଞ୍ଚିଯାଏ ସେତେବେଳେ ତାହା କଜା Qaza (ନ୍ୟାୟ ପ୍ରକୋଷ୍ଠ)ର ମାମଲା ହୋଇଯାଏ । ଇସ୍‌ଲାହି କମିଟି ହାତରୁ କଥା ବାହାରିଯାଏ । ଯେତେବେଳେ ଝିଅ ଖୁଲାର ଆବେଦନ ଦେଇଦିଏ ସେତେବେଳେ ଇସ୍‌ଲାହୀ କମିଟିର କାମ ଶେଷ ବୋଲି ଜାଣ । ତା'ପରେ ମାମଲା କଜା ହାତକୁ ଚାଲିଯାଏ । ତେଣୁ ଇସ୍‌ଲାହି କମିଟିକୁ ଆରମ୍ଭରୁ ହିଁ ମାମଲାକୁ ସମାଧାନ କରିବା ଦିଗରେ ଧ୍ୟାନ ଦେବା ଉଚିତ୍ । ହୁଜୁର ଅନ୍‌ୱର କହିଲେ, ଇସ୍‌ଲାହି କମିଟିର ପ୍ରତି ମାସରେ ବୈଠକ ହେବା ଉଚିତ୍ । ସମୀକ୍ଷା କରନ୍ତୁ ଯେ କ'ଣ କ'ଣ ସମସ୍ୟା ରହିଛି ଏବଂ କିପରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆପଣମାନେ ନିଜ କାମରେ Active (ସକ୍ରିୟ) ହୁଅନ୍ତୁ ।

ହୁଜୁର ଅନ୍‌ୱର କହିଲେ, ତର୍ବିୟତ୍‌ର ପ୍ରୋଗ୍ରାମ Interactive (ସଂବାଦାତ୍ମକ/ପ୍ରଶ୍ନୋତ୍ତର) କାର୍ଯ୍ୟକ୍ରମ ହେବା ଉଚିତ୍ । ଯୁବକମାନଙ୍କ ସହିତ ତର୍ବିୟତ୍ ବିଷୟରେ ପ୍ରଶ୍ନୋତ୍ତର ରଖନ୍ତୁ । କୌଣସି ପୁଅ ଯାହା ବି ପ୍ରଶ୍ନ ପଚାରୁଛି, ତାହାର ଉତ୍ତର ଦିଆଯାଉ। ସେ ଯେପରି ବି ପ୍ରଶ୍ନ ହେଉ, ତାହାର ଉତ୍ତର ଦେଇ ତାକୁ ସନ୍ତୁଷ୍ଟ କରାନ୍ତୁ । ଇଜ୍‌ତିମା (ସମ୍ମିଳନୀ) ଅବସରରେ ଏପରି କାର୍ଯ୍ୟକ୍ରମ ରଖାଯାଇପାରେ । UKର ଇଜ୍‌ତେମାରେ ଏପରି ପ୍ରୋଗ୍ରାମ (କାର୍ଯ୍ୟକ୍ରମ) ହୋଇଥିଲା । ଯାମିୟାର ଛାତ୍ରମାନେ ଯୁବକମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ । ଯେତେବେଳେ ସେମାନଙ୍କ ଭାଷାରେ ସେମାନଙ୍କୁ ସଠିକ୍ ଉତ୍ତର ମିଳେ, ସେତେବେଳେ ସେମାନଙ୍କୁ କଥା ବୁଝାପଡ଼େ । ଏପରି ଏକ ବୈଠକରେ ଯେତେବେଳେ ଚାନ୍ଦା ବ୍ୟବସ୍ଥା ସଂପର୍କରେ ପଚରାଗଲା ଯେ ଏହି ଚାନ୍ଦା କେଉଁ କେଉଁଠି ଏବଂ କିପରି ଖର୍ଚ୍ଚ ହୁଏ ଓ ଏହା ମାଧ୍ୟମରେ କେଉଁ କାମ ହୁଏ ? ଏହି ସବୁ କଥା ଶୁଣି ଜଣେ ଯୁବକ ନିଜ ଘରକୁ ଗଲା ଏବଂ ଚାନ୍ଦା ଆଣି ଦେଲା ଓ କହିଲା ଯେ ଏବେ ମୋତେ ଜମାଅତ୍‌ର ଆର୍ଥିକ ବ୍ୟବସ୍ଥା ବୁଝାପଡ଼ିଲା ।

ହୁଜୁର ଅନ୍‌ୱର କହିଲେ: UKରେ ଏକ ପ୍ରଶ୍ନାବଳୀ ପ୍ରସ୍ତୁତ କରି ଯୁବକ ଓ ଯୁବତୀମାନଙ୍କୁ ଦିଆଯାଇଥିଲା । ସେମାନଙ୍କୁ କୁହାଯାଇଥିଲା ଯେ ନିଜ ନାମ ନ ଲେଖି ଏହାକୁ ପୂରଣ କରି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖି ପଠାନ୍ତୁ । ଫଳରେ ଏହିପରି ଏକ ସର୍ଭେ କରାଯାଇଥିଲା । ପ୍ରଶ୍ନଗୁଡ଼ିକ ଏହି ପ୍ରକାରର ଥିଲା ଯେ, କେଉଁ ପ୍ରକାରର ସମ୍ପର୍କ (ବିବାହ) ହେବା ଉଚିତ୍, ସ୍ୱାମୀଙ୍କଠାରୁ କ'ଣ ଆଶା କରନ୍ତି, ସେହିପରି ସ୍ୱାମୀ ସ୍ତ୍ରୀଙ୍କ ଠାରୁ କ'ଣ ଆଶା ରଖନ୍ତି, ପରିବେଶର ପ୍ରଭାବ ସ୍ୱାମୀମାନଙ୍କ ଉପରେ କ'ଣ ଏବଂ ଝିଅମାନଙ୍କ ଉପରେ କ'ଣ, ଉଭୟଙ୍କ ପିତାମାତାଙ୍କ ବ୍ୟବହାର କିପରି ହେବା ଉଚିତ୍, ପିତାମାତା କିପରି ସମ୍ପର୍କ ଉପରେ ପ୍ରଭାବ ପକାଇଥାଆନ୍ତି, ଇତ୍ୟାଦି ଇତ୍ୟାଦି ? ହୁଜୁର ଅନ୍‌ୱର କହିଲେ, ତେଣୁ ଏହି ସର୍ଭେ ଫଳରେ ଯେଉଁ ଉତ୍ତରଗୁଡ଼ିକ ଆସିଥିଲା, ସେଥିରୁ ମୋତେ ଯଥେଷ୍ଟ ସୂଚନା ମିଳିଥିଲା । ମୋତେ ଦୁଇ-ତିନୋଟି ଜଲ୍‌ସା ଓ ଇଜ୍‌ତିମାରେ ଭାଷଣ ପାଇଁ ବିଷୟ ପ୍ରସ୍ତୁତ କରିବାରେ ସହଜ ହୋଇଗଲା । ତେଣୁ ମୁଁ ସେହି ସମସ୍ତ ସମସ୍ୟାର ଉଲ୍ଲେଖ କରି ସେଗୁଡ଼ିକର ସମାଧାନ ବର୍ଣ୍ଣନା କରିଦେଲି । ହୁଜୁର ଅନ୍‌ୱର କହିଲେ, ଏହି ତଥ୍ୟ, ଏହି ସୂଚନା ମୋ ପାଖକୁ ସବୁ ସ୍ଥାନରୁ ଆସିବା ଉଚିତ୍ । ହୁଜୁର ଅନ୍‌ୱର କହିଲେ, ସ୍ୱାଧୀନତା ନାମରେ

ଅବଶିଷ୍ଟାଂଶ..ପୃ-11 ରେ

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.)
Postal Reg. No. GDP-40/2026-2028 Vol. 11 Thursday- 13 Aug 2026 Issue No. 33
ANNUAL SUBSCRIPTION: 600/- (PER ISSUE: 12/-) (WEIGHT: 20-50 gms/issue)

Editor : Qamarul Haque Khan
Sub- Editor : Sayed Ataul Wahab
Mob : (+91) 8437782443
akhbaarbadarodiaqdn@gmail.com
www.akhbarbadr.in

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail : managerbadrqnd@gmail.com
www.alislam.org/badr

## ପୃ-11 ବର୍ଣ୍ଣିତ ସିରତ ଖାତମୁନ୍ ନବିୟୀନ ସ.ଅର ଅବଶିଷ୍ଟାଂଶ

ଏଠାରେ ମନେ ରଖିବା ଉଚିତ୍ ଯେ, ହଲିମା ଏବଂ ହାରିସ୍ ସେଠାରେ କୌଣସି ରକ୍ତ ବୋହିଥିବାର ଦେଖିବାକୁ ପାଇ ନଥିଲେ, କିମ୍ବା 'ଶକ୍-ଏ-ସଦର୍' (ଛାତି ଚିରାଯିବା)ର ଅନ୍ୟ କୌଣସି ଚିହ୍ନ ବର୍ଣ୍ଣ ମଧ୍ୟ ଦେଖିନଥିଲେ କିମ୍ବା ବାହାରକୁ ଫିଙ୍ଗା ଯାଇଥିବା କୌଣସି ଜିନିଷ ମଧ୍ୟ ସେମାନଙ୍କୁ ଦୃଶ୍ୟମାନ ହୋଇ ନଥିଲା ।

କିଛି ପାଠକ ହୁଏତ 'କଶଫ୍' (ଆଧାତ୍ମିକ ଅନୁଭୂତି ସମ୍ବଳିତ ଦୃଶ୍ୟ) ଶବ୍ଦ ସହିତ ପରିଚିତ ହୋଇଥାଇ ନପାରନ୍ତି । ତେଣୁ ସେମାନଙ୍କର ଅବଗତି ନିମନ୍ତେ ଉଲ୍ଲେଖ କରିଦିଆଯାଉ ଅଛି ଯେ, ଯେପରି ଜଣେ ମଣିଷକୁ ରାତିରେ ଶୋଇଥିବା ସମୟରେ କୌଣସି ଦୃଶ୍ୟ ଦେଖାଯାଏ, ଯାହାକୁ ସେ ସେହି ସମୟରେ ସତ୍ୟ ବୋଲି ମନେ କରିଥାଏ । ଯଦିଓ ତାହା ପ୍ରକୃତରେ ଏକ ସ୍ୱପ୍ନ ହୋଇଥାଏ । ଠିକ୍ ସେହିପରି କେତେକ ସମୟରେ ଭଗବାନଙ୍କର (ଅଲ୍ଲାଃଙ୍କର) ସ୍ୱତନ୍ତ୍ର ସେବକମାନଙ୍କୁ ଜାଗ୍ରତ ଅବସ୍ଥାରେ ମଧ୍ୟ ଏପରି ଦୃଶ୍ୟ ଅବଲୋକନ ହୋଇଥାଏ (ଦେଖାଯାଇଥାଏ) । ଅର୍ଥାତ୍ ଜାଗ୍ରତାବସ୍ଥାରେ ସେମାନଙ୍କ ଉପରେ ଏପରି ଏକ ଅବସ୍ଥା ବିସ୍ତାରିତ ହୋଇଯାଏ ଯେ, ସେମାନେ ବାହ୍ୟ ଜ୍ଞାନେନ୍ଦ୍ରିୟ ଠାରୁ ପୃଥକ୍ ହୋଇ (କିମ୍ବା ବେଳେବେଳେ ବାହ୍ୟ ଜ୍ଞାନେନ୍ଦ୍ରିୟ ଥାଇ ମଧ୍ୟ) କୌଣସି ବିଶେଷ ଦୃଶ୍ୟକୁ ଦେଖି ନିଅନ୍ତି, ଏବଂ ଏପରି ଅବସ୍ଥାରେ ସେମାନେ ଯେଉଁ ଦୃଶ୍ୟ ଦେଖନ୍ତି, ତାହାକୁ ସ୍ୱପ୍ନ ପରିଭାଷାରେ 'କଶଫ୍' (Kashf) କୁହାଯାଏ । କଶଫ୍‌ରେ (ସ୍ୱପ୍ନରେ) ବେଳେବେଳେ ଏପରି ମଧ୍ୟ ହୁଏ ଯେ ଏହାର ପ୍ରଭାବ ଏକାଧିକ ବ୍ୟକ୍ତିଙ୍କ ପର୍ଯ୍ୟନ୍ତ ପହଞ୍ଚି ଯାଇଥାଏ । ଅର୍ଥାତ୍ କଶଫ୍ ପ୍ରାପ୍ତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ ଲୋକମାନେ ମଧ୍ୟ ଏପରି ଦୃଶ୍ୟରେ ସାମିଲ୍ ହୋଇଯାଆନ୍ତି । **(ବି.ଦ୍ର ସମାପ୍ତ)**

ଅତଏବ, 'ଶକ୍କେ-ସଦର୍' (ଛାତି ଚିରାଯିବା)ର ପ୍ରତ୍ୟକ୍ଷ ଲକ୍ଷଣଗୁଡ଼ିକ ଗାଏବ ଥିବା ଅର୍ଥାତ୍ ସେହି ସମୟରେ ଆପଣଙ୍କ (ସ.ଅ) ଧାଇ ମା' ଆଦିଙ୍କୁ ଏହାର କୌଣସି ବାହ୍ୟ ଚିହ୍ନ ଦେଖା ନଯିବା ମଧ୍ୟ ଏହାହିଁ ଦର୍ଶାଏ ଯେ ଏହା ଏକ 'କଶଫ୍' (ଆଧାତ୍ମିକ ଦୃଶ୍ୟ) ଥିଲା, ଯାହାର ସୀମା ଅନ୍ୟ ପିଲାମାନଙ୍କ ପର୍ଯ୍ୟନ୍ତ ମଧ୍ୟ ବ୍ୟାପୀ ଯାଇଥିଲା ଏବଂ ଯେପରି ଏହି 'କଶଫ୍' ଭିତରେ ସ୍ପଷ୍ଟ କରାଯାଇଛି, ଏହାର ଅର୍ଥ ଥିଲା ଯେ ଈଶ୍ୱରଙ୍କ ଦେବଦୂତ (ଫରିସ୍ତା) ସାକାର ରୂପ ନେଇ 'ଆଧାତ୍ମିକ ଜଗତ' (ଆଲମ୍-ଏ-କଶଫ୍)ରେ ଆପଣଙ୍କ (ସ.ଅ.ୱ.) ଛାତି ଚିରିଲେ ଏବଂ ସମସ୍ତ ମାନବୀୟ ଦୁର୍ବଳତାର ମଳିନତା ଆପଣଙ୍କ ଭିତରୁ କାଢିଦେଲେ । ସହି ହଦିସ୍‌ଗୁଡ଼ିକରୁ ପ୍ରମାଣିତ ଯେ ମେରାଜ୍ (ମହାଜାଗତିକ ଯାତ୍ରା) ରାତିରେ ମଧ୍ୟ ହଜରତ୍ ମୁହମ୍ମଦ ସ.ଅଙ୍କ ସହିତ ଏହିପରି ଏକ 'ଶକ-ଏ-ସଦର୍' ଘଟଣା ଘଟିଥିଲା ଏବଂ ଦେବଦୂତମାନେ ତାଙ୍କ ହୃଦୟ କାଢ଼ି ଜମ୍‌ଜମ୍‌ର ପବିତ୍ର ଜଳରେ ଧୋଇ ପୁଣି ତାହାକୁ ନିଜ ସ୍ଥାନରେ ରଖିଦେଇଥିଲେ।" **(ବୁଖାରୀ ବାବୁଲ୍ ମେରାଜ୍)**

ଏଠାରେ ଏହି ବିଷୟ ଉଲ୍ଲେଖ କରିବା ମଧ୍ୟ ଅନୁଚିତ୍ ଏବଂ ଅପ୍ରାସଙ୍ଗିକ ହେବ ନାହିଁ ଯେ ସର୍ ୱିଲିୟମ୍ ମ୍ୟୁଓର୍ (Sir William Muir) ଏହି ଘଟଣାର ଉଲ୍ଲେଖ କରି ବ୍ୟଙ୍ଗାତ୍ମକ ଏବଂ କଟାକ୍ଷ ରୂପରେ ଉକ୍ତ ମନ୍ତବ୍ୟଟି ଦେଇଛନ୍ତି ଯେ, **ନାଉଜୁବିଲ୍ଲାଃ** ଏହା ଏକ ମିର୍ଗୀ (ଏପିଲେପ୍ସି ବା ବାତ) ରୋଗର ଆକ୍ରମଣ ଥିଲା ଯାହା ହଜରତ୍ ମୁହମ୍ମଦ ସ.ଅଙ୍କୁ ହୋଇଥିଲା । ଆମେ କାହାର ପାଟିକୁ ତ' ବନ୍ଦ କରି ହେବ ନାହିଁ, କିନ୍ତୁ ନିଶ୍ଚିତ ଭାବରେ ମ୍ୟୁଓର୍ ସାହେବ ଏହି ଆକ୍ଷେପ ତଥା ବ୍ୟଙ୍ଗ ବିଦ୍ରୁପ କରିବା ସମୟରେ ଚରମ ସୀମାର ପକ୍ଷପାତିତା ଏବଂ ପୂର୍ବାଗ୍ରହ ପ୍ରଦର୍ଶନ କରିଛନ୍ତି । କାରଣ ପ୍ରଥମତଃ ସମସ୍ତେ ଜାଣନ୍ତି ଯେ ବାତ ରୋଗୀ ଜଣେ ଦୁର୍ବଳ ମସ୍ତିଷ୍କ ବିଶିଷ୍ଟ ମଣିଷ ହୋଇଥାଏ ଏବଂ ହଜରତ୍ ମୁହମ୍ମଦ ସ.ଅଙ୍କ ସମ୍ପର୍କରେ ସ୍ୱୟଂ ମ୍ୟୁଓର୍ ସାହେବ ସ୍ୱୀକାର କରିଛନ୍ତି ଯେ ଆପଣ ସ.ଅ ଉତ୍ତମ ଶାରୀରିକ ଶକ୍ତି ଓ କ୍ଷମତାର ଅଧିକାରୀ ଥିଲେ । ଏହା ବ୍ୟତୀତ ଯେଉଁ ବର୍ଣ୍ଣନା ଆଧାରରେ ଏହି ଆକ୍ଷେପଟି ଓ କଟାକ୍ଷ କରାଯାଇଛି ସେହି ବର୍ଣ୍ଣନା ହିଁ ନିଜେ ଏହି ଆକ୍ଷେପକୁ ଖଣ୍ଡନ କରେ । କାରଣ ବର୍ଣ୍ଣନାରେ ସ୍ପଷ୍ଟ ଉଲ୍ଲେଖ ରହିଅଛି ଯେ, ଏହି ଦୃଶ୍ୟକୁ ହଜରତ୍ ମୁହମ୍ମଦ ସ.ଅଙ୍କ ଧାତ୍ରୀ-ଭାଇ (ରିଜାଈ ଭାଇ) ମଧ୍ୟ ଦେଖିଥିଲେ ଏବଂ ସେ ହିଁ ଦୌଡ଼ିଯାଇ ନିଜ ମାତାପିତାଙ୍କୁ ସୂଚନା ଦେଇଥିଲେ ଯେ, "ମୋର କୁରୈଶୀ ଭାଇଙ୍କୁ ଦୁଇଜଣ ଧଳା ପୋଷାକ ପରିହିତ ବ୍ୟକ୍ତିମାନେ ତଳେ ପକାଇ ତାଙ୍କ ଛାତି ଚିରୁଛନ୍ତି ।

ସୁତରାଂ ସଂସାରରେ ଏପରି କୌଣସି ବାତ ରୋଗ ଅଛି କି, ଯାହା ସମ୍ପର୍କରେ ଅନ୍ୟ ଲୋକମାନେ ଏପରି ଦୃଶ୍ୟର ସାକ୍ଷ୍ୟ ଦେଇ ପାରିବେ ? ନିଶ୍ଚିତ ଭାବରେ ଯେଉଁ ବ୍ୟକ୍ତିଙ୍କୁ ବାତ ରୋଗ ଆକ୍ରମଣ ହୁଏ ସେ ନିଜେ କଳ୍ପନା କରିପାରିବ ଯେ ତାଙ୍କୁ କେହି ଧରି ତଳେ କାଟି ଦେଉଛି, କିନ୍ତୁ ତାଙ୍କୁ ଦେଖୁଥିବା ଲୋକମାନେ ମଧ୍ୟ ଏପରି ଦୃଶ୍ୟ ଦେଖିବେ । ଏହା ଏପରି ଏକ କଥା, ଯାହାକୁ ଜଣେ ଅନ୍ଧ ପକ୍ଷପାତୀ ବ୍ୟକ୍ତି ବ୍ୟତୀତ ଅନ୍ୟ କୌଣସି ଲୋକ ମୁହଁକୁ ଆଣିପାରିବ ନାହିଁ । ଅର୍ଥାତ୍ ତୁଣ୍ଡରେ ଧରି ପାରିବ ନାହିଁ ।

**(ଅବଶିଷ୍ଟାଂଶ......ପରବର୍ତ୍ତୀ ସଂଖ୍ୟାରେ)**

## ସିରତୁଲ୍ ମେହଦୀ

(ଲେଖକ. ହ. ମିର୍ଜା ବଶୀର୍ ଅହମଦ ସାହେବ ର.ଅ)

(45) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ଏମ୍.ଏ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ବିନୀତ କହି ଦେଉଛି ଯେ, ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ପିତା ମିର୍ଜା ଗୁଲାମ୍ ମୁର୍ତଜା ସାହେବ 1876 ମସିହା ଜୁନ୍ ମାସରେ, କିମ୍ବା ହଜରତ୍ ସାହେବଙ୍କର ଏକ ଲେଖା ଅନୁସାରେ 20 ଅଗଷ୍ଟ 1875 ମସିହାରେ ବିୟୋଗ ହୋଇଥିଲା । ତାଙ୍କ ଭାଇ ମିର୍ଜା ଗୁଲାମ୍ କାଦିର୍ ସାହେବ 1883 ମସିହାରେ ମୃତ୍ୟୁବରଣ କରିଥିଲେ । ମୃତ୍ୟୁ ସମୟରେ ଜେଜେ ବାପାଙ୍କ ବୟସ 80 (ଅଶି)ରୁ ଉର୍ଦ୍ଧ୍ୱ ବୟସ ହୋଇଥିଲା ଏବଂ ଜେଜେ ପୁଅ (ତାୟା) ସାହେବଙ୍କ ବୟସ ପଞ୍ଚାବନ ବର୍ଷ ପାଖାପାଖି ଥିଲା । ହଜରତ୍ ମସିହ୍ ମଉଦ୍‌ଙ୍କ ଜନ୍ମ ତାରିଖକୁ ନେଇ ମତପାର୍ଥକ୍ୟ ରହିଛି । ସ୍ୱୟଂ ହ. ମସିହ୍ ମଉଦ ଅ.ସଙ୍କର ନିଜସ୍ୱ ଲେଖନୀଗୁଡ଼ିକ ମଧ୍ୟ ଏହି ବିଷୟରେ ଭିନ୍ନ ଭିନ୍ନ ରହିଛି । ବାସ୍ତବରେ ସେତେବେଳେ ଶିଖମାନଙ୍କ ଶାସନକାଳ ଥିଲା ଏବଂ ଜନ୍ମର କୌଣସି ରେକର୍ଡ ରଖାଯାଉ ନଥିଲା । ହ. ମସିହ୍ ମଉଦ୍ ଅ.ସ କେତେକ ସ୍ଥାନରେ 1839 ମସିହା କିମ୍ବା 1840 ମସିହା ବୋଲି ଉଲ୍ଲେଖ କରିଛନ୍ତି । କିନ୍ତୁ ଆପଣ ଅ.ସଙ୍କର ଅନ୍ୟ ଲେଖାଗୁଡ଼ିକରୁ ଏହାର ଖଣ୍ଡନ ହୋଇଥାଏ । ପ୍ରକୃତରେ ଆପଣ ଅ.ସ ନିଜେ ନିଜର ବୟସ ସମ୍ବନ୍ଧୀୟ ନିଜର ଆକଳନଗୁଡ଼ିକୁ ଅନିଶ୍ଚିତ ବୋଲି ଦର୍ଶାଇଛନ୍ତି **(ଦେଖନ୍ତୁ 'ବରାହୀନେ ଅହମଦିୟା'ଭାଗ-5, ପୃଷ୍ଠା-193) (ଏବଂ ସଠିକ୍ ତାରିଖ 1836 ମସିହା ବୋଲି ଜଣାପଡ଼ିଛି)।**

ସେହିପରି ବିନୀତ ଏହା ମଧ୍ୟ କହି ଦେଉଛି ଯେ, ହଜରତ୍ ସାହେବଙ୍କର ଅନ୍ୟ ଏକ ଲେଖାରୁ ଜେଜେ ବାପା (ପିତା)ଙ୍କ ମୃତ୍ୟୁ ତାରିଖ ଜୁନ୍ 1874 ମସିହା ବୋଲି ପ୍ରମାଣିତ ହୁଏ । କିନ୍ତୁ ମୋର ଗବେଷଣା ଅନୁସାରେ 1875 ମସିହା ଏବଂ 1874 ମସିହା ଦୁଇଟିଯାକ ଭୁଲ୍ ଅଟେ ଏବଂ ସରକାରୀ କାଗଜ ପତ୍ରରୁ ଯେପରି ଜଣାପଡ଼େ ଯେ, ସଠିକ୍ ତାରିଖ ହେଉଛି 1876 ମସିହା । କିନ୍ତୁ ହଜରତ୍ ସାହେବଙ୍କୁ (ହ. ମସିହ୍ ମଉଦ୍ ଅ.ସଙ୍କୁ) ମନେ ନଥିଲା । **ୱାଲ୍ଲାଃହୁ ଆଲମ୍** (ଅଲ୍ଲାଃ ହିଁ ସର୍ବଜ୍ଞ ଓ ସର୍ବୋତ୍ତମ ଜାଣନ୍ତି) ।

(46) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ଏମ୍.ଏ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ମୋତେ ମାତାଶ୍ରୀ ବର୍ଣ୍ଣନା କରି କହିଲେ ଯେ, ହଜରତ୍ ମସିହ୍ ମଉଦ୍ ଅ.ସଙ୍କ ପାଞ୍ଚ ଜଣ ଭାଇ ଭଉଣୀ ଥିଲେ । ସବୁଠାରୁ ବଡ଼ ହଜରତ୍ ସାହେବଙ୍କର ସେହି ଭଉଣୀ ଥିଲେ, ଯାହାଙ୍କର ବିବାହ ମିର୍ଜା ଗୁଲାମ୍ ଗୌସ୍ ହୋଶିଆରପୁରୀଙ୍କ ସହିତ ହୋଇଥିଲା । ହ. ସାହେବଙ୍କର ଏହି ଭଉଣୀ ସ୍ୱପ୍ନ ଓ କଶଫ୍ (ଆଧାତ୍ମିକ ଦୃଶ୍ୟ) ପ୍ରାପ୍ତ କରୁଥିବା ମହିଳା ଥିଲେ, ତାଙ୍କ ନାମ 'ମୁରାଦ୍ ବିବି' ଥିଲା । ତାଙ୍କ ଠାରୁ ସାନ ମିର୍ଜା ଗୁଲାମ୍ କାଦିର୍ ସାହେବ ଥିଲେ । ପୁନଶ୍ଚ ତାଙ୍କଠାରୁ ସାନ ଜଣେ ପୁଅ ଥିଲା ଯିଏ ପିଲାଦିନେ ହିଁ ମୃତ୍ୟୁବରଣ କରିଥିଲା । ତା' ଠାରୁ ସାନ ହଜରତ୍ ସାହେବଙ୍କର ସେହି ଭଉଣୀ ଥିଲେ ଯିଏ ଆପଣଙ୍କ ସହିତ ଜମଜ (ଯାଆଁଳା) ଜନ୍ମ ହୋଇଥିଲେ ଏବଂ ଶୀଘ୍ର ମୃତ୍ୟୁବରଣ କରିଥିଲେ, ତାଙ୍କର ନାମ 'ଜନ୍ନତ' ଥିଲା । ସବୁଠାରୁ ସାନ ହଜରତ୍ ମସିହ୍ ମଉଦ୍ ଅ.ସ ଥିଲେ । ମାତାଶ୍ରୀ ବର୍ଣ୍ଣନା କରନ୍ତି ଯେ, ହ. ସାହେବ ଅ.ସ କହୁଥିଲେ: "ଆମର ବଡ଼ ଭଉଣୀଙ୍କୁ ଥରେ ଜଣେ ବୁଜୁର୍ଗ (ସାଧୁ ବା ମହାତ୍ମା) ସ୍ୱପ୍ନରେ ଏକ ତାବିଜ୍ ଦେଇଥିଲେ । ଜାଗ୍ରତ ହେବାରୁ ଦେଖିଲେ ହାତରେ ଭୋଜପତ୍ର (ଏକ ପ୍ରକାର ବୃକ୍ଷର ପତ୍ର)ରେ ଲେଖାଯାଇଥିବା 'ସୁରାଃ ମରିୟମ୍' ଥିଲା ।" (ବିନୀତ କହୁଛି ଯେ ମୁଁ ଏହି ଭୋଜପତ୍ର ଦେଖିଛି, ଯାହା ଏପର୍ଯ୍ୟନ୍ତ ଆମର ବଡ଼ ଭାଉଜ, ଅର୍ଥାତ୍ ମିର୍ଜା ରଶୀଦ ଅହମ୍ମଦ ସାହେବଙ୍କ ମାତାଙ୍କ ପାଖରେ ସୁରକ୍ଷିତ ରହିଛି)।

(47) بِسۡمِ اللّٰہِ الرَّحۡمٰنِ الرَّحِیۡمِ ହ. ମିର୍ଜା ବଶୀର୍ ଅହମଦ୍ ଏମ୍.ଏ ସାହେବ ର.ଅ ବର୍ଣ୍ଣନା କରନ୍ତି ଯେ, ବିନୀତ କହି ଦେଉଛି ଯେ, ହଜରତ୍ ମସିହ୍ ମଉଦ୍ ଅ.ସଙ୍କୁ ସେମିତି ତ' ୱହୀ (ଦୈବୀ ବାଣୀ ପ୍ରକାଶନ)ର ପରମ୍ପରା ବହୁ ପୂର୍ବରୁ ଆରମ୍ଭ ହୋଇ ସାରିଥିଲା । କିନ୍ତୁ ଯେଉଁ ଇଲହାମ୍‌ରେ ଆପଣଙ୍କୁ ଅଲ୍ଲାଃଙ୍କ ପକ୍ଷରୁ ମାନବ ଜାତିର ସଂସ୍କାର (ଇସ୍‌ଲାହେ ଖଲକ୍) ପାଇଁ ସ୍ପଷ୍ଟ ଭାବରେ ନିଯୁକ୍ତ (ମାମୁର୍) କରାଗଲା । ଅତଏବ୍ ସେହି ଐଶୀବାଣୀ ତାହା ମାର୍ଚ୍ଚ 1882 ମସିହାରେ ହୋଇଥିଲା, ଯେତେବେଳେ ଆପଣ 'ବରାହୀନେ ଅହମଦୀୟା' ତୃତୀୟ ଭାଗ ଲେଖୁଥିଲେ **(ଦେଖନ୍ତୁ 'ବରାହୀନେ ଅହମଦିୟା', ଭାଗ-3, ପୃଷ୍ଠା-238)** ।

କିନ୍ତୁ ସେତେବେଳେ ଆପଣ ବୈଅତ୍ (ଦୀକ୍ଷା)ର ପରମ୍ପରା ଆରମ୍ଭ କରି ନଥିଲେ । ବରଂ ଏଥି ନିମନ୍ତେ ଈଶ୍ୱରଙ୍କ ପକ୍ଷରୁ ଆହୁରି ନିର୍ଦ୍ଦେଶ ଆସିବାର ଅପେକ୍ଷା କରୁଥିଲେ । ତେଣୁ ତଦନୁସାରେ ଯେତେବେଳେ ଐଶୀବାଣୀ ଅବତୀର୍ଣ୍ଣ ହେଲା, ସେତେବେଳେ ଆପଣ ଅ.ସ ବୈଅତ୍ ପାଇଁ ଡିସେମ୍ବର ମାସ 1882 ମସିହାରେ ଘୋଷଣା କଲେ

**(ଅବଶିଷ୍ଟାଂଶ......ପରବର୍ତ୍ତୀ ସଂଖ୍ୟାରେ)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan